## ଆଜି କ'ଣ କେଉଁଠି

ସିମୁଳିଆ
- ଆଦର୍ଶ ଶିକ୍ଷକ ରମେଶ ଚନ୍ଦ୍ର ବେହେରାଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକ ଉତ୍ସବ
  ସ୍ଥାନ- ସିମୁଳିଆ
  ସମୟ- ପୂର୍ବାହ୍ନ ୧୦ଟା
- ସିମୁଳିଆ କଲେଜର ପ୍ରତିଷ୍ଠା ଦିବସ
  ସ୍ଥାନ- କଲେଜ ପରିସର
  ସମୟ- ପୂର୍ବାହ୍ନ ୧୦ଟା

## ଜଡ଼ିବୁଟି ପ୍ରକୃତିର ଦାନ

**ବାହାନଗା, ୭।୮(ଡି.ଏନ.ଏ.):** ବାହାନଗା ନୋଡାଲ ଉଚ୍ଚ ବିଦ୍ୟାଳୟରେ ବାଲେଶ୍ୱର ଜଡିବୁଟି ଦିବସ ଯୋଗ ଶିବିର ଆଦି କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପତଞ୍ଜଳି ଯୋଗ ସମିତି ତରଫରୁ ଆୟୋଜିତ ଶିବିରରେ ବାହାନଗା ତହସିଲର ବିଭିନ୍ନ ପଞ୍ଚାୟତ ଲୋକେ ଯୋଗ ଦେଇଥିଲେ। ଜଡିବୁଟି ପ୍ରକୃତିର ଦାନ। ଏହାର ରୋଗ ପ୍ରତିରୋଧକ ଶକ୍ତି ଶରୀରକୁ ସୁସ୍ଥ ରଖିଥାଏ ବୋଲି ଦିବସ ପାଳନ ପରିପ୍ରେକ୍ଷୀରେ ଆଲୋକପାତ କରାଯାଇଥିଲା। ପତଞ୍ଜଳି ଯୋଗ କମିଟି ଜିଲା ପ୍ରଭାରୀ ଭାରତ ସ୍ୱାଭିମାନ କରୁଣାକର ଶିଅଳ, ମହିଳା ପ୍ରଭାରୀ ଯଶୋମଣି ଶିଅଳ, ଯୁବା ପ୍ରଭାରୀ ମନୋଜ କୁମାର ଦେ, ଜିଲା ଯୋଗ ପ୍ରଚାରକ ମୁକ୍ତିକାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗ ଶିକ୍ଷା ଦେଇଥିଲେ। ଶିବିରରେ ୧୫ ଜଣିଆ ବାହାନଗା ଯୋଗ କମିଟି ଗଠିତ ହୋଇଥିଲା। ପତଞ୍ଜଳି ଯୋଗ କମିଟିର ଭାରତ ସ୍ୱାଭିମାନ ପ୍ରଭାରୀ ଭାବେ ଗୋବର୍ଦ୍ଧନ ସାହୁ, ଯୋଗ ପ୍ରଭାରୀ ପଦ୍ମଲୋଚନ ପାଣିଗ୍ରାହୀ, କିଷାନ ପ୍ରଭାରୀ ସଙ୍କର୍ଷଣ ଶିଅଳ, ଯୁବା ପ୍ରଭାରୀ ବିଦ୍ୟାରଞ୍ଜନ ମହାନ୍ତି, ଲିଗାଲ ସେଲ୍ ପ୍ରଭାରୀ ଭାବେ ରାଜାରାମ ମହାପାତ୍ର ମନୋନୀତ ହୋଇଥିଲେ। ଏହି ଅବସରରେ ପଣପଣା ପଞ୍ଚାୟତର ବେଗୁନିଆ ଗ୍ରାମରେ ବିଭିନ୍ନ ପ୍ରକାର ଔଷଧୀୟ ଚାରାରୋପଣ କରାଯାଇଥିଲା। ଶେଷରେ ''କର ଯୋଗ ରୁହ ନୀରୋଗ'' ନାରା ପ୍ରଚାର କରି ତହସିଲ ଅଞ୍ଚଳରେ ଯୋଗର ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରସାର ନିମନ୍ତେ ଜନସାଧାରଣଙ୍କ ସହଯୋଗ ଲୋଡା ଯାଇଥିଲା।

# କାରିଗରି ହସ୍ତକଳାର ଆକର୍ଷଣ



କର୍ମଶାଳାରେ ମଞ୍ଚାସୀନ ଅତିଥି ଓ ବିପଣନ ଗୋଷ୍ଠୀର ସଭ୍ୟାସଭ୍ୟା।

- ଯୋଗ ଦେଲେ ୪୩ ବିପଣନ ଗୋଷ୍ଠୀ
- ପ୍ରଦର୍ଶନୀରେ ଗୁଆପତ୍ର ଥାଳି, ଲାଖ, ସବାଇ ଓ ସୂତା ସାମଗ୍ରୀର ପସରା
- କର୍ମଶାଳାରେ ଦିଆଗଲା ତାଲିମ

**ବାଲେଶ୍ୱର ଅଫିସ,୭।୮**

ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରେ ଉପଲବ୍ଧ କଞ୍ଚାମାଲକୁ ନେଇ ଆକର୍ଷଣୀୟ ହସ୍ତକଳା ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଭୋଗରାଇରୁ ଗୁଆପତ୍ର ଥାଳି, ଔପଦାର ଟେରାକୋଟା, ନୀଳଗିରିର ଲାଖ, ଜଳେଶ୍ୱରର ଟସର, ବାଲିଆପାଳର ସବାଇ, ବାଲେଶ୍ୱର ସଦର ବ୍ଲକର ରେଶମ ସୂତା ସାମଗ୍ରୀର ସୁନ୍ଦର କାରିଗରି ଜିନିଷର ମଧ୍ୟ ଯଥେଷ୍ଟ ଚାହିଦା ରହିଛି। ଏସବୁ ଉତ୍ପାଦିତ ସାମଗ୍ରୀର ଉତ୍ପାଦନ ଓ କାରବାର ବୃଦ୍ଧି ଲାଗି ପରିଷଦ ସମ୍ମିଳନୀ କକ୍ଷରେ କର୍ମଶାଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଓରମାସ ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ବିଶ୍ୱାଳଙ୍କ ସଂଯୋଜନାରେ ବିପଣନ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ସେଠାରେ ପ୍ରଦର୍ଶନୀ କରାଯାଇଥିଲା। ଜିଲାର ୧୨ଟି ବ୍ଲକରେ ଥିବା ୪୩ଟି ବିପଣନ ଗୋଷ୍ଠୀର ସଭ୍ୟାସଭ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ଉତ୍ପାଦିତ ସାମଗ୍ରୀ ମଧ୍ୟରେ ଗୁଆପତ୍ର ଥାଳି, ଟେରାକୋଟା, ଲାଖ ସାମଗ୍ରୀ ସମେତ ଟସର, ସବାଇ ଓ ରେଶମ ସୂତାର ସମ୍ଭାର ଦେଖଣାହାରୀଙ୍କ ଆଖି ଝଲସାଇଥିଲା। ଏସବୁ ସାମଗ୍ରୀ ପ୍ରସ୍ତୁତି ସୁନ୍ଦର କାରିଗରି କୌଶଳକୁ ଉପସ୍ଥିତ ଅତିଥି ଓ ଅଧବକାରୀମାନେ ପ୍ରଶଂସା କରିଥିଲେ। କର୍ମଶାଳାରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ, ଅଗ୍ରଣୀ ବ୍ୟାଙ୍କ ପରିଚାଳକ, ନାବାର୍ଡ, ଓରମାସ ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଜୟ କର ପ୍ରମୁଖ ଭାଗନେଇ ଏଭଳି ଆୟୋଜନକୁ ପ୍ରଶଂସା କର ବିପଣନ ଗୋଷ୍ଠୀ ଉତ୍ପାଦିତ ସାମଗ୍ରୀକୁ ଅଧିକ ଆକର୍ଷଣୀୟ ଓ ଉନ୍ନତମାନର କରି ଏହାର ପ୍ରଚାର ପ୍ରସାର କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଓରମାସ ବାଲେଶ୍ୱର ତରଫରୁ ପ୍ରଥମ କରି ଜିଲାରେ ହେଉଥିବା ଉତ୍ପାଦକ ଗୋଷ୍ଠୀଙ୍କ ଦ୍ରବ୍ୟ ଓ ଡିଡିୟୁଜିକେୱାଇ ତାଲିମ ପ୍ରତିଷ୍ଠାନ ସହିତ ପନିପରିବା ଓ ସାନିଟାରୀ ନାପକିନ ବ୍ୟବସାୟୀଙ୍କ ସଂଯୋଗୀକରଣ ବ୍ୟବସ୍ଥାକୁ ଆନୁଷ୍ଠାନିକ ଭାବେ ମଧ ଉଦ୍‌ଘାଟନ କରାଯାଇଥିଲା।

## କାଳିଆ ଯୋଜନା ଲାଗି ପ୍ରଶିକ୍ଷିତ ହେବେ କର୍ମଚାରୀ

**ସୋର, ୭।୮(ଡି.ଏନ୍.ଏ.):** ସୋର ମ୍ୟୁନିସିପାଲିଟିର ବଡଖୁରୀରେ ଥିବା ଜିଲା କୃଷି କାର୍ଯ୍ୟାଳୟରେ କାଳିଆ ଯୋଜନା କାର୍ଯ୍ୟକାରିତା ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା କୃଷି ଅଧିକାରୀ ଧୀରେନ୍ଦ୍ରନାଥ ମଲ୍ଲିକଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମରେ ପଞ୍ଚାୟତ ନୋଡାଲ ଅଫିସର, ସମସ୍ତ ରାଜସ୍ୱ ନିରୀକ୍ଷକ, ଭିଏଲଡବ୍ଲ୍ୟୁ ଏବଂ କୃଷକସାଥୀମାନେ ଯୋଗ ଦେଇଥିଲେ। ସହକାରୀ କୃଷି ଅଧିକାରୀ ସରୋଜ କୁମାର ଜେନା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କ ଯୋଗ୍ୟତା ତଦାରଖ, ଅନ୍ୟ ହିତାଧିକାରୀଙ୍କ ଆଧାର ଓ ବ୍ୟାଙ୍କ ଆକାଉଣ୍ଟ ପଞ୍ଜୀକରଣ ଓ ତାଲିକା ପ୍ରସ୍ତୁତି ନେଇ ଅବଗତ କରାଇଥିଲେ।

## ମାତୃ ସ୍ତନ୍ୟପାନ କକ୍ଷ ଉଦ୍‌ଘାଟିତ




ମାତୃ ସ୍ତନ୍ୟପାନ କକ୍ଷ ଉଦ୍‌ଘାଟନ କରାଯାଉଛି।

**ଜଳେଶ୍ୱର,୭।୮:** ମା' କ୍ଷୀର ଶିଶୁ ପାଇଁ ଅମୃତ। ମାତୃ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଜଳେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ଜି.କେ.ଭଞ୍ଜର ହସ୍‌ପିଟାଲ ପରିସରରେ ବୁଧବାର ମାତୃ ସ୍ତନ୍ୟପାନ କକ୍ଷ ଉଦ୍‌ଘାଟିତ ହୋଇଛି। ସବ୍‌ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀ ଏହାକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ସିଭିଲ୍ ଜଜ୍ (କନିଷ୍ଠ) ମାମି ବେହେରା, ଜେଏମ୍‌ଏଫ୍‌ସି ନିତିଶା ଚଣ୍ଡକ, ଏସ୍‌ଡିପିଓ ସୁଦର୍ଶନ ଦାସ, ଡା. ଗଣେଶ ଚନ୍ଦ୍ର ପାଳ, ଡା. ଦିଲ୍ଲୀପ ପାତ୍ର, ରୋଟାରୀ କ୍ଲବର ସଭାପତି ସୁରେଶ କୁମାର ସାହୁ, ସହ ସମ୍ପାଦକ ଡା. ଦୀପ୍ତିମୟୀ ମହାପାତ୍ର, ପୂର୍ବତନ ସଭାପତି ସତ୍ୟ ସୁନ୍ଦର ଦାସ ପ୍ରମୁଖ ଯୋଗ ଦେଇଥିଲେ।




ଭୋଗରାଇରେ ମତ୍ସ୍ୟଚାଷ ପ୍ରଶିକ୍ଷଣ ଶିବିରରେ ଅତିଥିବୃନ୍ଦ।

## ମତ୍ସ୍ୟଚାଷ ଲାଗି ମହିଳାଙ୍କୁ ତାଲିମ

**ଭୋଗରାଇ,୭।୮(ଡି.ଏନ.ଏ.):** ଗ୍ରାମାଞ୍ଚଳର ମହିଳାମାନେ ବୈଜ୍ଞାନିକ ପ୍ରଣାଳୀରେ ପୋଖରୀରେ ମତ୍ସ୍ୟଚାଷ କରି ଆତ୍ମନିର୍ଭରଶୀଳ ହୋଇପାରିବେ। ଏନେଇ ମହିଳାଙ୍କୁ ତାଲିମ ଦେବା ସକାଶେ ବାଲେଶ୍ୱର ଜିଲା ଭୋଗରାଇ କୃଷି ସୂଚନା କେନ୍ଦ୍ର ପରିସରରେ ବୁଧବାର ମତ୍ସ୍ୟ ବିଭାଗ ପକ୍ଷରୁ ଏକ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ମତ୍ସ୍ୟ ଅଧିକାରୀ ରବିନାରାଣ ପଟ୍ଟନାୟକ, ସହକାରୀ ମତ୍ସ୍ୟ ଅଧିକାରୀ ମହମ୍ମଦ ଫିରୋଜ, ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା, ଭାଇସ୍ ଚେୟାରମ୍ୟାନ୍ ଦୀପକ କୁମାର ଦାସ, ବାଲେଶ୍ୱର ୱାର୍ଲ୍ଡ ଫିସ୍ ଜୋନାଲ ମ୍ୟାନେଜର, ଜଳେଶ୍ୱର ଏବଂ ଭୋଗରାଇ ମିଶନ ଶକ୍ତି, ପ୍ରୋଜେକ୍ଟ କୋ-ଅର୍ଡିନେଟର ପ୍ରମୁଖ ଯୋଗଦେଇ ଉନ୍ନତ ମାଛ ଚାଷର ପଦ୍ଧତି, ଯାଆଁଳ ଛାଡ଼ିବାର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ପ୍ରସ୍ତୁତି ଓ ବିଭିନ୍ନ କିସମର ମାଛ ଚାଷ ସମ୍ପର୍କରେ ଆଲୋଚନା କରିଥିଲେ। ଭୋଗରାଇର ୧୧ ଓ ଜଳେଶ୍ୱରର ୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପ୍ରାଣୀମିତ୍ରର ବହୁ ମହିଳା ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିଲେ।

## ଜିଲା ଫୁଟବଲ ଲିଗ୍-୨୦୧୯
# ବାଲେଶ୍ୱର କ୍ରୀଡ଼ା ଛାତ୍ରାବାସ ବିଜୟୀ



ମ୍ୟାଚ୍ ପୂର୍ବରୁ ପଡ଼ିଆରେ ଉଭୟ ଦଳର ଖେଳାଳି।

**ବାଲେଶ୍ୱର ଅଫିସ,୭।୮**

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ବୁଧବାର ଆୟୋଜିତ ଜିଲା ଫୁଟ୍‌ବଲ ଲିଗ୍-୨୦୧୯ ମ୍ୟାଚ୍‌ର ସୁପର ଲିଗ୍ ଖେଳ ଫକୀରମୋହନ କ୍ଲବ ଓ ବାଲେଶ୍ୱର କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର କ୍ରୀଡ଼ା ଛାତ୍ରାବାସ ୧-୦ ଗୋଲରେ ବିଜୟୀ ହୋଇଛି।

ଖେଳର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବରେ ସମାପ୍ତ ହୋଇଥିଲା। ଖେଳର ଦ୍ୱୀତିୟାର୍ଦ୍ଧରେ କ୍ରୀଡ଼ା ଛାତ୍ରାବାସର ଲକ୍ଷ୍ମଣ ମାରାଣ୍ଡି ଗୋଟିଏ ଗୋଲ ଦେଇଥିଲେ। ଫଳରେ କ୍ରୀଡା ଛାତ୍ରାବାସ ୧-୦ ଗୋଲରେ ଫକୀରମୋହନ କ୍ଲବକୁ ହରାଇ ବିଜୟୀ ହୋଇଥିଲେ। ସେକ୍ ଅବଦୁଲ ମଜିଦ, ପ୍ରଦୀପ କୁମାର ଦାସ, ଅଶୋକ କୁମାର ମାନ୍ନା ଖେଳ ପରିଚାଳନା କରିଥିଲେ। ଆସନ୍ତା ଗୁରୁବାରର ସୁପର ଲିଗ୍ ଖେଳ ଷ୍ଟାର କ୍ଲବ ଓ ଫକୀରମୋହନ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ଓ ସହସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ମିଳିତ ଭାବେ ସୂଚନା ଦେଇଛନ୍ତି।

## 'ଆଇନ ସହାୟତା ବ୍ୟବସ୍ଥା ନେଇ ସଚେତନତା ଲୋଡ଼ା'

**ଜଳେଶ୍ୱର, ୭।୮:** ବାଲେଶ୍ୱର ଜିଲା ଜଳେଶ୍ୱର ତାଲୁକ ଆଇନ ସେବା କମିଟି ପକ୍ଷରୁ ଜି.କେ. ଭଞ୍ଜର ହସପିଟାଲ ପରିସରରେ ବୁଧବାର ଆଇନ ସଚେତନତା ଓ ସାକ୍ଷରତା ଶିବିର ଅନୁଷ୍ଠିତ ହୋଇଥିଲା। ଡା. ଗଣେଶ ଚନ୍ଦ୍ର ପାଳ ଏଥିରେ ସଭାପତିତ୍ୱ କରିଥିଲେ। ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷା ଜଳେଶ୍ୱର ସବ୍‌ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀ ଶିବିରରେ ଯୋଗଦେଇ ତାଙ୍କ ବକ୍ତବ୍ୟରେ ସାଧାରଣ ଜନତା କିଭଳି ଠିକ୍ ଭାବେ ଆଇନ ସେବା ପାଇ ପାରିବେ ସେ ନେଇ ଆଲୋକପାତ କରିଥିଲେ। ସରକାର ମମତା ଯୋଜନା ସହ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯେଉଁ ଯୋଜନାମାନ କରିଛନ୍ତି ତାହାର ସୁଫଳ ଜନସାଧାରଣଙ୍କ ପାଖରେ ପହଞ୍ଚିବା ଦରକାର। ସମସ୍ତେ ସଚେତନ ରହିଲେ, ଏ ନେଇ ଆଇନ ସହାୟତା ପାଇ ପାରିବେ। ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କୌଣସି ହିତାଧିକାରୀ ଉପେକ୍ଷିତ ହେଲେ ସେମାନେ ତାଲୁକ ଆଇନ ସେବା କମିଟି ଜରିଆରେ ନ୍ୟାୟ ପାଇ ପାରିବେ ବୋଲି ସେ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ସିଭିଲ ଜଜ୍ (କନିଷ୍ଠ) ମାମି ବେହେରା ଯୋଗଦେଇ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ବକ୍ତବ୍ୟ ରଖି ତାଲୁକ ଆଇନ୍ ସେବା କମିଟି ପକ୍ଷରୁ କିଭଳି ଆଇନ୍ ସେବା ମାଗଣାରେ ଯୋଗାଇ ଦେବା ବ୍ୟବସ୍ଥା ରହିଛି କହିଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ଜେଏମ୍‌ଏଫ୍‌ସି ନିତିଶା ଚଣ୍ଡକ ଅନ୍ୟାୟ, ଅତ୍ୟାଚାର ବିରୋଧରେ ସମସ୍ତେ ସ୍ୱର ଉଠାଇବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ରୋଟାରୀ କ୍ଲବର ସଭାପତି ସୁରେଶ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏସଡିପିଓ ସୁଦର୍ଶନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# 'ସ୍ୱଦେଶୀ ଆନ୍ଦୋଳନ ଉଜ୍ଜୀବିତ କରିବା ବେଳ ଆସିଛି'




ପଥ ବିକ୍ରେତା ସଂଘ ପକ୍ଷରୁ ସ୍ୱଦେଶୀ ଆନ୍ଦୋଳନ ଦିବସରେ ଉପସ୍ଥିତ ଅତିଥି ଓ ବକ୍ତା।

- ବିଦେଶୀ ଖୁଚୁରା ବେପାରୀଙ୍କ ପ୍ରଭାବ ବଢ଼ି ଚାଲିଛି
- ବିପଦରେ ନିମ୍ନ ମଧ୍ୟବିତ୍ତ ବ୍ୟବସାୟୀଙ୍କ ଜୀବିକା
- ସ୍ୱଦେଶୀ ସାମଗ୍ରୀର ପ୍ରଚାର, ପ୍ରସାର ପ୍ରତି ଗୁରୁତ୍ୱ

**ବାଲେଶ୍ୱର ଅଫିସ,୭।୮**

ବାଲେଶ୍ୱର କଚେରି ହତା ପରିସରରେ ନ୍ୟାଶନାଲ ହକର ଫେଡ଼େରେଶନ ଆହ୍ୱାନକ୍ରମେ ଓଡ଼ିଶା ପଥ ବିକ୍ରେତା ସଂଘ ପକ୍ଷରୁ ବୁଧବାର ସ୍ୱଦେଶୀ ଆନ୍ଦୋଳନ ଦିବସ ପାଳିତ ହୋଇଥିଲା। ସଂଘର ରାଜ୍ୟ ସମ୍ପାଦକ ଜୟନ୍ତ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମ୍ପ୍ରତି ବିଶ୍ୱର ବହୁ ପୁଞ୍ଜିପତି ଭାରତର ଖୁଚୁରା ବଜାରକୁ ପ୍ରବେଶ କରି କ୍ରମେ ପ୍ରଭାବ ବିସ୍ତାର କରି ଚାଲିଛନ୍ତି। ସେମାନେ ନିମ୍ନବର୍ଗର ସର୍ବବୃହତ୍ତମ ବଜାରକୁ ଅଚଳ କରିଦେବାକୁ ଉଦ୍ୟମ ଚଳାଇଛନ୍ତି। ପଥ ବିକ୍ରେତାଙ୍କ ଭଳି ନିମ୍ନ ମଧ୍ୟବିତ୍ତ ବର୍ଗର ବ୍ୟବସାୟୀ ଏଥିଲାଗି ଅଧିକ ପ୍ରଭାବିତ ହୋଇ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ବିଦେଶୀଙ୍କ କବଳରୁ ଦେଶକୁ ରକ୍ଷା କରିବା ପାଇଁ ୧୯୦୫ ଅଗଷ୍ଟ ୭ ତାରିଖରେ ଆରମ୍ଭ ହୋଇଥବା ସ୍ୱଦେଶୀ ଆନ୍ଦୋଳନକୁ ଏବେ ପୁଣି ଉଜ୍ଜୀବିତ କରିବାର ପ୍ରାସଙ୍ଗିକତା ବଢ଼ିଛି ବୋଲି ସ୍ୱଦେଶୀ ଆନ୍ଦୋଳନ ଦିବସ ପାଳନ ଉତ୍ସବରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ ସୋସାଲ ସାଇନ୍ସର ପ୍ରାଧ୍ୟାପକ ଗୋବିନ୍ଦ ଦଳେଇ, ପଥ ବିକ୍ରେତା ସଂଘର ଆବିଦ ଖାଁ, ମୋହିନୀ ମୋହନ ପରିଡ଼ା, ରାମଚନ୍ଦ୍ର ପରିଡ଼ା, ଟିପିରି ସିଂ, ମଧୁସୂଦନ ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, ସହଦେବ ମହାନ୍ତି, ବିଜୟ ଭୂଷଣ ନନ୍ଦି, ସେକ ଇସ୍‌ଲାମ, ମନୋଜ ରାଠୋର, ରାଜେଶ ପଣ୍ଡା, ଦେବଜ୍ୟୋତି ବାରିକ, ଜଗବନ୍ଧୁ ସିଂ, ନିତ୍ୟାନନ୍ଦ ସାହୁ ପ୍ରମୁଖ ସଭାରେ ଉଦ୍‌ବୋଧନ ଦେଇ ସ୍ୱଦେଶୀ ଆନ୍ଦୋଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱଦେଶୀ ଆନ୍ଦୋଳନକୁ ଜୋରଦାର କରିବା ଲାଗି ସଭାରେ ସଙ୍କଳ୍ପ ନିଆଯାଇଥିଲା। ବକ୍ତାମାନେ ଦର୍ଶାଇଥିଲେ ଯେ, ବିଦେଶୀ ଖୁଚୁରା ବେପାରୀ ହଟାଇ କୃଷି ଉତ୍ପାଦନ, ହସ୍ତ ଶିଳ୍ପ, କୁଟୀର ଶିଳ୍ପ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଉତ୍ପାଦନ ବଢାଇ ଏହାକୁ ବିକ୍ରୟ ବ୍ୟବସ୍ଥା କରାଯିବା ଦରକାର। ତା' ନ ହେଲେ ପଥ ବିକ୍ରୟ ଓ ପଥ ବିକ୍ରେତାଙ୍କ ଭଳି ନିମ୍ନ ମଧ୍ୟବିତ୍ତ ବ୍ୟବସାୟୀଙ୍କ ଜୀବିକା ବିପନ୍ନ ହୋଇପଡିବ। ଏଣୁ ନିମ୍ନବର୍ଗ ବ୍ୟବସାୟୀଙ୍କ ସୁରକ୍ଷା ଲାଗି ପଦକ୍ଷେପ ନିଆଯିବା ଜରୁରି ହୋଇପଡିଛି। ସ୍ୱଦେଶୀ ଆନ୍ଦୋଳନର ପୃଷ୍ଠଭୂମି ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବକ୍ତାମାନେ ତୁଳନାତ୍ମକ ଚିତ୍ର ବର୍ଣ୍ଣନା କରିଥିଲେ।



## ସଂକ୍ଷେପରେ

### ସାମାଜିକ ସୁରକ୍ଷା ଅଧିକାରୀଙ୍କ ଅଚାନକ ସ୍କୁଲ ଗସ୍ତ
## ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇ ପରଖିଲେ

**ଧାମନଗର, ୭।୮ (ଡି.ଏନ.ଏ.):** ଧାମନଗର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବେନ୍ଦ୍ର ନାୟକ ବୁଧବାର ଅଚାନକ ଖଡ଼ିପଦା ନୋଡାଲ ବିଦ୍ୟାଳୟକୁ ଗସ୍ତ କରିଥିଲେ। ବିଦ୍ୟାଳୟର ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ସେମାନଙ୍କୁ ପାଠ ପଢ଼ାଇଥିଲେ। ଏହି ଛାତ୍ରୀଛାତ୍ର ବହି ପଢ଼ିବା ସହ ଦୂରରୁ ବ୍ଲାକବୋର୍ଡ ଲେଖା ପଢ଼ି ପାରୁଛନ୍ତି କି ନାହିଁ ସେ ପରଖିଥିଲେ। କେତେକ ପିଲାଙ୍କ ପଢ଼ାପଢ଼ିରେ ଅସୁବିଧା ହେଉଥିବା ସେ ଉପଲବ୍ଧି କରିଥିଲେ। ଏସବୁ ବିଷୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଦ୍ୱାରା ଯୋଗାଯୋଗ ପାଇଁ ଅଧିକାରୀ ନାୟକ ସୂଚନା ଦେଇଥିଲେ। ପ୍ରତିବର୍ଷ ନିୟମିତ ଦୃଷ୍ଟିବାଧିତମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଚଷମା ପ୍ରଦାନ ଲାଗି ସୁନେତ୍ର ଯୋଜନାରେ ବ୍ୟବସ୍ଥା ରହିଥିବା ସେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ।

## ସ୍ତନ୍ୟପାନ ସଚେତନତା ରାଲି

**ବନ୍ତ, ୭।୮ (ଡି.ଏନ.ଏ.):** ବନ୍ତ ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଅବସରରେ ସଚେତନତା ରାଲି କରାଯାଇଥିଲା। ଏଥିରେ ବହୁ ଅଙ୍ଗନୱାଡି କର୍ମୀ, ୱାର୍ଡସଭ୍ୟା ସାମିଲ ହୋଇ ହାତରେ ବ୍ୟାନର ଓ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ସେହିପରି ବ୍ଲକ ସମ୍ମିଳନୀ କକ୍ଷରେ ସିଡିପିଓ ରେଣୁବାଳା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା ସଭାରେ ଜିଲାପରିଷଦ ସଭ୍ୟା ରେବତୀ ନାୟକ ଯୋଗ ଦେଇଥିଲେ। ପୁରାତନ ଯୁଗରେ ମହିଳାମାନେ ସଚେତନ ନ ଥିଲେ। ଏବେ ସଭ୍ୟ ସମାଜରେ ପରିବର୍ତ୍ତନ ଘଟିଛି। ମାତୃଜାତିର ମଙ୍ଗଳ କରିବା ସହ ଆଗାମୀ ପିଢ଼ିଙ୍କୁ ସଚେତନ କରାଇବା ଆମର ଦାୟିତ୍ୱ ବୋଲି ସେ କହିଥିଲେ। ଟିଲୋ ସରପଞ୍ଚ ନିହାରିକା ରାଉତ, ବ୍ଲକ ପ୍ରକଳ୍ପ ସଂଯୋଜକ ଚିରଞ୍ଜୀବ ଦାସ, ସୁପରଭାଇଜର ସଙ୍ଗୀତା ନାୟକ, ରେଖା ନାୟକ, ଜ୍ୟୋସ୍ନା ଚାନ୍ଦ, ପ୍ରୀତି ଉଦ୍‌ଗାତା ପ୍ରମୁଖ ଯୋଗ ଦେଇଥିଲେ।

# ସାଇନ୍ସ ପାର୍କ ନିର୍ମାଣ ପାଇଁ କୁଳେଇପଦାରେ ଅନୁଧ୍ୟାନ

**ଆରଡ଼ି, ୭।୮ (ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ନିକଟ କୁଳେଇପଦା ପଡ଼ିଆରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ସାଇନ୍ସ ପାର୍କ ଯୋଜନା ଏବେ ରୂପରେଖ ନେବାକୁ ଯାଉଛି। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କନିଷ୍ଠ ଯନ୍ତ୍ରୀ ବିପିନ କୁମାର ସେଠୀ ବୁଧବାର ଏକ ବୈଷୟିକ ଟିମ୍ ସହ ଆସି ଏଠାରେ ସ୍ଥିତି ଅନୁଧ୍ୟାନ କରିବା ସହ ସୀମା ନିର୍ଦ୍ଧାରଣ କରିଛନ୍ତି। ଏହି ସମୟରେ ଆରଡ଼ି ରାଜସ୍ୱ ନିରୀକ୍ଷକ ଦେବାଶିଷ ରାୟ ଉପସ୍ଥିତ ଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ଏହି ଟିମ୍ ୫ ଏକର ପରିଧି ମଧ୍ୟରେ କିପରି ଏହି ପ୍ରକଳ୍ପ ନିର୍ମାଣ କରାଯାଇ ପାରିବ ତାହାର ନମୁନା ପ୍ରସ୍ତୁତି କାର୍ଯ୍ୟ କରିବା,



ବୈଷୟିକ ଟିମ୍ ସଦସ୍ୟମାନେ କୁଳେଇପଦାରେ ସ୍ଥିତି ପରଖୁଛନ୍ତି।

ଦେଢ଼ ମାସ ମଧ୍ୟରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ପୂର୍ବାଭାଷ କନିଷ୍ଠ ଯନ୍ତ୍ରୀ ଦେଇଥିଲେ।

ଉଲ୍ଲେଖନୀୟ ଯେ, ଏହି ସାଇନ୍ସ ପାର୍କ ନିର୍ମାଣ ପାଇଁ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଓ ଭଦ୍ରକ ଜିଲାପାଳ ଜ୍ଞାନରଞ୍ଜନ ଦାସ ଦୁଇବର୍ଷ ତଳେ ପ୍ରସ୍ତାବ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବାକୁ ସରକାରୀ ତଥା ପ୍ରଶାସନିକ ସ୍ତରରେ ଉଦ୍ୟମ ଜାରି ରହିଥିଲା। ନିକଟରେ ଏହି ପ୍ରକଳ୍ପ ନିର୍ମାଣ ସମ୍ବନ୍ଧୀୟ ବିଧେୟକ ବିଧାନସଭାରେ ପାରିତ ହୋଇଥିଲା। ଏଥିନିମନ୍ତେ ପ୍ରାଥମିକ ସ୍ତରରେ ଅର୍ଥ ମଞ୍ଜୁର ହୋଇଥିବା ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ପାର୍କ ନିର୍ମାଣ ସକାଶେ ପ୍ରାଥମିକ ପର୍ଯ୍ୟାୟରେ ୫ ଏକର ଜମି କୁଳେଇପଦା ପଡ଼ିଆରୁ ଅଧିଗ୍ରହଣ କରାଯାଇଥିଲା। ଜିଲାର ଅନ୍ୟ କୌଣସି ସ୍ଥାନରେ ସାଇନ୍ସ ପାର୍କ ନ ଥିବାବେଳେ ଏଠାରେ ନିର୍ମାଣ ହେବାକୁ ଯାଉଥିବା ଏହି ପ୍ରକଳ୍ପ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ବିଦ୍ୟାଳୟ ଶିକ୍ଷା ପରିଚାଳନା କମିଟି ଗଠିତ

**ଆରଡ଼ି, ୭।୮ (ଡି.ଏନ.ଏ.)**

ଚାନ୍ଦବାଲି ବ୍ଲକର ସରକାରୀ ମଠଡିହ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ପରିଚାଳନା କମିଟି ଗଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବନିତା ପୃଷ୍ଟି ଏହି କମିଟି ଗଠନ ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବରୁ ମନୋନୀତ ହୋଇଥିବା ସଭ୍ୟାସଭ୍ୟ ଉପସ୍ଥିତ ରହି ସେମାନଙ୍କ ମଧ୍ୟରୁ ଦେବକାନ୍ତ ବିଳାସଙ୍କୁ ସଭାପତି ଓ ଦ୍ରୌପଦୀ ବାରିକଙ୍କୁ ଉପସଭାପତି ଭାବେ ଚୟନ କରିଥିଲେ। କେବଳ ଦେବକାନ୍ତଙ୍କ ନାମ ପ୍ରସ୍ତାବ ଦିଆଯାଇଥିଲା। ଅନ୍ୟ କେହି ପ୍ରତିଦ୍ୱନ୍ଦ୍ୱିତା ନ କରିବାରୁ ତାଙ୍କୁ ନିର୍ବାଚିତ କରାଗଲା ବୋଲି ଘୋଷଣା କରାଯାଇଥିଲା।

ପ୍ରକାଶ ଯେ, ଦେଢ଼ବର୍ଷ ହେଲା ଏହି ଶିକ୍ଷା କମିଟି କୋରମ ଅଭାବରୁ ଗଠନ ହୋଇପାରୁ ନ ଥିଲା। ଫଳରେ ବିଦ୍ୟାଳୟକୁ ଯୋଗାଇ ଦିଆଯାଉଥିବା ସରକାରୀ ଅର୍ଥରାଶି ବିନିଯୋଗ ହୋଇପାରୁ ନ ଥିଲା। ଗତ ଜୁଲାଇ ୩୦ ତାରିଖରେ ବିଦ୍ୟାଳୟରେ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ୧୨ଜଣ ସଭ୍ୟାସଭ୍ୟ ନିର୍ବାଚିତ ହୋଇଥିଲେ। ଯୋଗ ଦେଇଥିବା ଅଭିଭାବକଙ୍କ ମଧ୍ୟରୁ ଦୀପ୍ତିରଞ୍ଜନ ନାୟକଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିଲା। ବୈଠକରେ ବ୍ଲକ ଶିକ୍ଷାଧିକାରୀଙ୍କ ପ୍ରତିନିଧି ଭାବେ ମଠଡିହ କ୍ଲଷ୍ଟର ସିଆର୍‌ସିସି ନିକୁଞ୍ଜ ବିହାରୀ କର ଓ ସରପଞ୍ଚଙ୍କ ପ୍ରତିନିଧି ଭାବେ ସୁନ୍ଦରପୁର-ଦୋହରାପାଟଣା ୟୁପି ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଅନିଲ କୁମାର ଦାସ ଯୋଗ ଦେଇଥିଲେ। ନୂତନ ଭାବେ ଗଠିତ କମିଟି ବିଦ୍ୟାଳୟ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିବା ସହ ବହୁ ଉନ୍ନୟନମୂଳକ କାର୍ଯ୍ୟରେ ସହାୟତା କରିବ ବୋଲି ସଭାପତି ବିଳାସ କହିଛନ୍ତି।

# ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରିବାକୁ ନିର୍ଦ୍ଦେଶ

**ଧାମନଗର, ୭।୮ (ଡି.ଏନ.ଏ.)**

**କାଳିଆ ଯୋଜନା**

ରାଜ୍ୟ ସରକାରଙ୍କ ଦ୍ୱାରା କାଳିଆ ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ ଦିଆଯାଇଥିବା ଟଙ୍କା ଫେରସ୍ତ ପାଇଁ ଧାମନଗର ବ୍ଲକରେ ଯାଞ୍ଚ ଆରମ୍ଭ ହୋଇଛି। ଏହି ବ୍ଲକରେ ପ୍ରାୟ ୫୫ ହଜାର ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ୨୨ ହଜାର ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ କେତେ ଅଯୋଗ୍ୟ ହିତାଧିକାରୀ ଅଛନ୍ତି ସେମାନଙ୍କୁ ଚିହ୍ନଟ ପାଇଁ ବିଡିଓ ଦୁର୍ଗାଚରଣ ମୁର୍ମୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ବିଡିଓ ମୁର୍ମୁଙ୍କ ଅଧ୍ୟକ୍ଷତାରେ ବ୍ଲକ ସଭାଗୃହରେ କାଳିଆ ଯୋଜନା ହିତାଧିକାରୀ ତଦାରଖ ବୈଠକ ଅନୁଷ୍ଠିତ ହୋଇଥିଲା। ଅଯୋଗ୍ୟ ହିତାଧିକାରୀଙ୍କୁ ଆସନ୍ତା ୯ ତାରିଖ ମଧ୍ୟରେ ଚିହ୍ନଟ କରି ପଞ୍ଚାୟତ ସ୍ତରରେ ସର୍ବସାଧାରଣଙ୍କୁ ଅବଗତ ପାଇଁ ବିଡିଓ ନିର୍ଦ୍ଦେଶ ଜାରି କରିଛନ୍ତି। ଜିଲା କାଳିଆ ନୋଡାଲ ଅଧିକାରୀ ପୀତାମ୍ବର ପରିଡ଼ା, ବ୍ଲକ କୃଷି ଅଧିକାରୀ ରାଧାରମଣ ମହନ୍ତ, ସମବାୟ ସମ୍ପ୍ରସାରଣ ଅଧିକାରୀ ଦେବେନ୍ଦ୍ର ନାୟକ, ଉଦ୍ୟାନ କୃଷି ଅଧିକାରୀ ସୁରେନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀ ତାଲିକା ଏବଂ ଚିହ୍ନଟ ନେଇ ଆଲୋଚନା କରିଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ, ରାଜସ୍ୱ ନିରୀକ୍ଷକ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ଯୋଗ୍ୟ, ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ଏବଂ ଅଯୋଗ୍ୟମାନେ ଟଙ୍କା ଫେରାଇବାକୁ ସରକାରଙ୍କ ନିଷ୍ପତ୍ତି ପରେ ହିତାଧିକାରୀଙ୍କ ନିଦ ହଜିଯାଇଛି। ଆବେଦନ ସମୟରେ ଭୂମିହୀନ, ଭାଗଚାଷୀ ଓ କ୍ଷୁଦ୍ର ଚାଷୀମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହାମଧ୍ୟରେ ବହୁ ଅଯୋଗ୍ୟ ହିତାଧିକାରୀ ମଧ୍ୟ ରହିଥିବା ସୂଚନା ମିଳିଥିଲା। ମାତ୍ର ସେତେବେଳେ ଯୋଗ୍ୟ ଓ ଅଯୋଗ୍ୟ ହିତାଧିକାରୀ ଚୟନ ନେଇ ସରକାରଙ୍କର ଘୋଷଣା ସ୍ପଷ୍ଟ ନ ଥିଲା ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ସାଧାରଣ ନିର୍ବାଚନ ପୂର୍ବରୁ ଟଙ୍କା ଦେଇ ଏବେ ଟଙ୍କା ଫେରାଇନେବା ନିଷ୍ପତ୍ତିକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ସର୍ବସମ୍ମୁଖରେ ହେଉ ଭେଣ୍ଡିଂଜୋନ୍ ଆବଣ୍ଟନ

**ଭଦ୍ରକ ଅଫିସ, ୭।୮**

ଭଦ୍ରକ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଭେଣ୍ଡିଂଜୋନ୍ ଆବଣ୍ଟନ(ଲଟେରି) ସମୟରେ ସ୍ୱଚ୍ଛତା ଓ ନିରପେକ୍ଷତା ଅବଲମ୍ବନ କରିବାକୁ ପୂର୍ବତନ କାଉନସିଲରଙ୍କ ସମେତ ବହୁ ବ୍ୟବସାୟୀ ଦାବି କରିଛନ୍ତି। ଲଟେରି ପ୍ରକ୍ରିୟା ସମୟରେ ଆଶାୟୀ ଦୋକାନୀ, ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ଭେଣ୍ଡିଂଜୋନ୍ ଆବଣ୍ଟନ କରାଯିବାକୁ ବୁଧବାର ପୂର୍ବତନ କାଉନସିଲର ଅସରଫ୍ ଅଲ୍ଲି ଖାଁ, ମିରାଜ ଏକରାମ, ମହମ୍ମଦ ଅଲ୍ଲୀ ସବର, ସେକ୍‌ସଫି ରୁଦ୍ଦିନ, ସମିରୁଦ୍ଦିନ ଖାଁ, ରବୀନ୍ଦ୍ର ଘଡ଼େଇ, ସେକ୍ ସଫିକୁର ରହେମାନ ପ୍ରମୁଖ ଜିଲାପାଳଙ୍କୁ ଦାବି ଜଣାଇଛନ୍ତି।

## 'ରମେଶଙ୍କ ଶିକ୍ଷାଦାନ ଥିଲା ନିଆରା'



ସଭାରେ ଉପସ୍ଥିତ ପୁରାତନ ଛାତ୍ର ସଙ୍ଗଠନ କର୍ମକର୍ତ୍ତା।

**ଭଦ୍ରକ ଅଫିସ, ୭।୮**

ବନ୍ତ ବ୍ଲକ ଆପଣ୍ଡା ଓରାଳି ଗ୍ରାମର ଶିକ୍ଷାବିତ୍ ରମେଶ ମହାଳିକଙ୍କ ମୃତ୍ୟୁରେ ବୁଧବାର ସନ୍ଧ୍ୟାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଲୋକନାଥ ମନ୍ଦିର ପରିସରରେ ଆୟୋଜିତ ଏହି ସଭାରେ ଆଦର୍ଶ ଶିକ୍ଷକ ରମେଶଙ୍କ ଶିକ୍ଷାଦାନ ପ୍ରଣାଳୀ ନିଆରା ଥିଲା ବୋଲି ଯୋଗ ଦେଇଥିବା ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକ ହାଇସ୍କୁଲର ୧୯୮୫ ମସିହା ପୁରାତନ ଛାତ୍ର ସଙ୍ଗଠନ ସଭାପତି ସତ୍ୟେନ୍ଦୁ ରାୟ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ବିଜୟ ପାଣି, ନରେନ୍ଦ୍ର ପ୍ରସାଦ ସାହୁ, ସୁରଜିତା ପାଲ, ରାଜେନ୍ଦ୍ର ପଣ୍ଡା, ଗୋଲକ ଦାସ, ରାଜେନ୍ଦ୍ର ବେହେରା, ସଞ୍ଜୀବ ଦାସ, ବାଲଗୋପାଳ ରାମ, ଅରୁଣି ଲାଲ, ମୁକ୍ତିକାନ୍ତ ବାରିକ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ପୋଡ଼ିହୋଇ ମହିଳାଙ୍କ ମୃତ୍ୟୁ

**ଧାମନଗର, ୭।୮ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତ ପାହାଡ଼ପୁର ଗ୍ରାମର ବାସନ୍ତୀ ସାହୁ ନାମ୍ନୀ ଜଣେ ମହିଳା ବୁଧବାର ପୂର୍ବାହ୍ନରେ ନିଆଁରେ ପୋଡ଼ି ହୋଇ ମୃତ୍ୟୁବରଣ କରିଛନ୍ତି। ସେ ଦୁଇମାସ ତଳେ ଏହି ଗ୍ରାମର ଜଣେ ଯୁବକଙ୍କୁ ପ୍ରେମବିବାହ କରିଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ତାଙ୍କ ବାପଘର ଭୁବନେଶ୍ୱରରେ ହୋଇଥିବା ବେଳେ ଖବର ଲେଖାଯିବା ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନ ଥିବା ଧାମନଗର ପୋଲିସ ସୂଚନା ଦେଇଛି। ଅପରାହ୍ନରେ ପୋଲିସ ପାହାଡ଼ପୁର ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିବା ସହ ନିଜ ଆଡ୍ରୁ ତଦନ୍ତ ଆରମ୍ଭ କରିଛି।

# ମୟୂରଭଞ୍ଜ

## ୨୦ ୱାର୍ଡ଼ ସଭ୍ୟ ପଦବୀ ପାଇଁ ହେବ ନିର୍ବାଚନ

**ବଡ଼ସାହି,୭।୮ (ସ୍ୱ.ପ୍ର):** ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକରେ ଖାଲି ପଡ଼ିଥିବା ୧୦ଟି ପଞ୍ଚାୟତର ୨୦ଟି ୱାର୍ଡ଼ରେ ୱାର୍ଡ଼ସଭ୍ୟା/ସଭ୍ୟ ପଦବୀ ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ନିର୍ବାଚନ କମିଶନରଙ୍କ ପତ୍ର ସଂଖ୍ୟା ୨୯୧୨/ତା ୩।୮।୧୦ରିଖ କ୍ରମେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ନେଇ ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ କହିଛନ୍ତି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଉଠାଣୀନୂଆଗାଁ ପଞ୍ଚାୟତର ୫ନଂ ୱାର୍ଡ଼, କେନ୍ଦୁଡ଼ିହା ପଞ୍ଚାୟତର ୨ନଂ ୱାର୍ଡ଼, ଚନ୍ଦନପୁର ପଞ୍ଚାୟତର ୪ନଂ ୱାର୍ଡ଼, ପ୍ରତାପପୁର ପଞ୍ଚାୟତର ୯ନଂ ୱାର୍ଡ଼, ବଳଭଦ୍ରପୁର ପଞ୍ଚାୟତର ୧୧ନଂ ୱାର୍ଡ଼, ବୀରେଶ୍ୱରପୁର ପଞ୍ଚାୟତର ୭ନଂ ୱାର୍ଡ଼, ମାଧପୁର ପଞ୍ଚାୟତର ୮ନଂ ୱାର୍ଡ଼, ମାଣତ୍ରୀ ପଞ୍ଚାୟତର ୩, ୯ ଓ ୧୧ନଂ ୱାର୍ଡ଼, ଶାଳଗାଁ ପଞ୍ଚାୟତର ୪, ୮, ୯ ଓ ୧୦ନଂ ୱାର୍ଡ଼ ଏବଂ ସାନକେରକୋ ପଞ୍ଚାୟତର ୪, ୭, ୮, ୧୧, ୧୨ ଓ ୧୩ନଂ ୱାର୍ଡ଼ରେ ସଂରକ୍ଷିତ ପ୍ରାର୍ଥୀ ନଥିବାରୁ କେହି ନାମାଙ୍କନ ପତ୍ର ଦାଖଲ କରି ନ ଥିଲେ। ଫଳରେ ୨୦ଟି ଆସନ ଖାଲି ପଡ଼ିଥିଲା। ଭୋଟର ତାଲିକା ପ୍ରଦର୍ଶନ ସାଙ୍ଗକୁ ଆପତ୍ତି ଅଭିଯୋଗ ଥିଲେ ତା'ର ସଂଶୋଧନ କରାଯିବା ପରେ ଏହି ଆସନରେ ନିର୍ବାଚନ ହେବ ବୋଲି ସୂଚନା ମିଳିଛି।

## ୮ ଚୋରା ମଦ ବେପାରୀ ଗିରଫ

**ବେତନଟୀ, ୭।୮(ଡ଼ି.ଏନ.ଏ):** ବୈଶିଙ୍ଗା ଓ ବେତନଟୀ ଥାନା ଅଞ୍ଚଳରୁ ୮ ଚୋରା ମଦ ବେପାରୀଙ୍କୁ ଅବକାରୀ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବୈଶିଙ୍ଗା ଥାନା ଅନ୍ତର୍ଗତ ମୁରୁକୁଣ୍ଡିଆ ଗ୍ରାମର ସାଉନା ସରେନ୍, ମହନପୁର ଗ୍ରାମର ଘାଷିରାମ ସିଂ, ବଙ୍ଗଲିଡ଼ାହି ଗ୍ରାମର ପରେଶ ମହାନ୍ତ ଓ ଲମ୍ବୋଧର ମହାନ୍ତ, ଅଙ୍ଗାରୁଆ ଗ୍ରାମର ତପନ ହେମ୍ବ୍ରମ, କୋଠାବାଡ଼ି ଗ୍ରାମର ବାସୁ ସିଂନ୍, ବେତନଟୀ ଥାନା ଅନ୍ତର୍ଗତ ପୁରିନ୍ଦା ଗ୍ରାମର ନୀଳକଣ୍ଠ ମହାନ୍ତ ଏବଂ କେରକ ସାହି ଗ୍ରାମର ରାମ ବେସ୍ରା। ସେମାନଙ୍କଠାରୁ ୪୦ ଲିଟର ଚୋରା ବିଦେଶୀ ଓ ଦେଶୀ ମଦ ଜବତ ହୋଇଛି। ବେତନଟୀ ଅବକାରୀ ଥାନା ଅଧିକାରୀ ଶ୍ରୀନିବାସ ସାହୁ ଚଢ଼ାଉରେ ସାମିଲ୍ ଥିଲେ।

### ■ ଆଉ ଆଶ୍ରୟସ୍ଥଳ ହେବନି ଜିଲାପାଳଙ୍କ କାର୍ଯ୍ୟାଳୟ ବାରଣ୍ଡା
# ନିର୍ମାଣ ହେବ ରେଷ୍ଟଶେଡ୍

**ବାରିପଦା ଅଫିସ,୭।୮**

■ 'ଧରିତ୍ରୀ'ରେ ଖବର ପ୍ରକାଶ ପରେ ପ୍ରଶାସନର ତତ୍ପରତା

■ ଜିଲାପାଳଙ୍କ ନିଷ୍ପତ୍ତିକୁ ସ୍ୱାଗତ କଲେ ବୁଦ୍ଧିଜୀବୀ

ଆଦିବାସୀ ଅଧ୍ୟୁଷିତ ତଥା ବଣପାହାଡ଼ ଘେରା ମୟୂରଭଞ୍ଜ ଜିଲାର ଅପହଞ୍ଚ ଇଲାକାରୁ ପ୍ରତିଦିନ ଜିଲାପାଳଙ୍କ ନିକଟକୁ ଗୁହାରି କରିବା ପାଇଁ ଲୋକେ ଆସିଥାନ୍ତି। ମାତ୍ର ଏଠାରେ ଖରା କିମ୍ବା ବର୍ଷାରେ ମୁଣ୍ଡ ଗୁଞ୍ଜିବାକୁ ଲୋକେ ଜାଗା ପାଇ ନ ଥାନ୍ତି। ଖରାଦିନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏକ ଗଛ ମୂଳ ପିଣ୍ଡି ଓ ବର୍ଷା ଦିନେ କାର୍ଯ୍ୟାଳୟର ବାରଣ୍ଡା ଲୋକଙ୍କ ଆଶ୍ରୟସ୍ଥଳ ପାଲଟୁଛି। ଏ ନେଇ ଗତ ଜୁଲାଇ ୨ ତାରିଖରେ 'ଧରିତ୍ରୀ'ରେ ଏକ ସ୍ୱତନ୍ତ୍ର ତଥ୍ୟ ଓ ମତାମତ ଭିତ୍ତିକ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିନେଇ ଜିଲାର ମାନବାଧିକାର କର୍ମୀ ଓ ବୁଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିବା ସହିତ ତୁରନ୍ତ ଆଶ୍ରୟସ୍ଥଳ ନିର୍ମାଣ କରିବାକୁ ଦାବି କରିଥିଲେ। ତେବେ ଏହି ଘଟଣାରେ ଜିଲା ପ୍ରଶାସନ ତତ୍ପରତା ଦେଖାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏକ ରେଷ୍ଟଶେଡ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ଜିଲାପାଳ ବିନୀତ ଭରଦ୍ୱାଜ ସୂଚନା ଦେଇଛନ୍ତି। ରେଷ୍ଟଶେଡରେ ଆବଶ୍ୟକ ସ୍ଥଳେ ଚୌକିର ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ସେ କହିଛନ୍ତି। ଜିଲାପାଳଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

ଉଲ୍ଲେଖ ଯୋଗ୍ୟ ଯେ, ମୟୂରଭଞ୍ଜ ଗଡଜାତ ରାଜ୍ୟ ୧୯୪୮ ଅକ୍ଟୋବର ୧୭ ତାରିଖରେ ୟୁନିୟନ ଅଫ ଇଣ୍ଡିଆରେ ମିଶିବା ପରେ ୧୯୪୯ ଜାନୁୟାରୀ ପହିଲାରେ ଏହା ଓଡ଼ିଶାରେ ବିଲୀନ ହୋଇଥିଲା। ସେହି ସମୟରେ ମୟୂରଭଞ୍ଜରେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓଙ୍କ ଶାସନ ଚାଲିଥିଲା। ମିଶ୍ରଣ ପରେ ମୟୂରଭଞ୍ଜର ସମସ୍ତ ସମ୍ପତ୍ତି ତଥା ରକ୍ଷଣାବେକ୍ଷଣ ଦାୟିତ୍ୱ ଓଡ଼ିଶା ସରକାରଙ୍କ ହାତରେ ନ୍ୟସ୍ତ ହୋଇଥିଲା। ସେବେଠାରୁ ମୟୂରଭଞ୍ଜ ମହାରାଜା ରାଜ୍ୟ ଶାସନ ପାଇଁ ବ୍ୟବହାର କରୁଥିବା ବିଭିନ୍ନ ଭବନରେ ରାଜ୍ୟ ସରକାର ଜିଲା କାର୍ଯ୍ୟାଳୟମାନ ଆରମ୍ଭ କରିଥିଲେ। ଇତି ମଧ୍ୟରେ ୫୨ ଜଣ ଜିଲାପାଳ ଜିଲାର ଶାସନଭାର ସମ୍ଭାଳିଲେଣି। ମାତ୍ର ଜିଲାବାସୀ ବିଭିନ୍ନ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଥିବା ସବୁବେଳେ ଅଭିଯୋଗ ହୋଇ ଆସୁଛି। ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଜନ ସାଧାରଣ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ଏବେ ମୁଖ୍ୟ ସମସ୍ୟା ପାଲଟିଛି। ଜିଲା ପ୍ରଶାସନ ଏ ଦିଗରେ ଗୁରୁତ୍ୱ ଦେବାକୁ ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି।

## କିଡ୍‌ନୀ ରୋଗ ଅନୁଧ୍ୟାନ ଲାଗି ଗାଁରେ ଡାକ୍ତରୀ ଦଳ



ମାଙ୍କଡକେନ୍ଦାରେ ଉପସ୍ଥିତ ଡାକ୍ତରୀ ଟିମ୍।

**କୁଆମରା,୭।୮(ଡି.ଏନ୍.ଏ.)**

ଆଦିବାସୀ ଅଧ୍ୟୁଷିତ ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଅନ୍ତର୍ଗତ ମାଙ୍କଡକେନ୍ଦା ଗ୍ରାମର ୧୧ ନମ୍ବର ୱାର୍ଡରେ କିଡ୍‌ନୀ ରୋଗ ଆତଙ୍କ ଦେଖା ଦେଇଛି। କିଛି ଦିନ ମଧ୍ୟରେ ଏହି ରୋଗରେ ୧୦ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ରୁ ଅଧିକ ଆକ୍ରାନ୍ତ ହୋଇ ଚିକିତ୍ସାଧିନ ଅଛନ୍ତି। ଏଥିନେଇ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ଏହି ରୋଗ ସମ୍ପର୍କରେ ଅନୁଧ୍ୟାନ ପାଇଁ ବୁଧବାର ବାରିପଦାସ୍ଥିତ ପିଆରଏମ ମେଡିକାଲ କଲେଜର ମେଡିସିନ ବିଭାଗ ମୁଖ୍ୟ ପ୍ରଫେସର ଡା. ଠାକୁରା ସେରେନଙ୍କ ନେତୃତ୍ୱରେ ପାଥଲୋଜି ବିଭାଗର ଡା.ଉପାସନା ଦାସ, ଡା.ଅମ୍ରିତା କୁମାରୀ, ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ଅରୁପ ଅଭିଷେକ, ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ପରମଜିତ ମହାନ୍ତି, ବିପିଏମ ଅନୁଭବ ପଟ୍ଟନାୟକ, ସୁପରଭାଇଜର ମହେନ୍ଦ୍ର ନାଥ ସେଠୀଙ୍କ ସମେତ ଏକ ୧୪ ଜଣିଆ ଟିମ୍ ଗାଁରେ ପହଞ୍ଚି ଥିଲେ। ମୋଟ ୧୫ ଆକ୍ରାନ୍ତ ବ୍ୟକ୍ତିଙ୍କ ଠାରୁ ରକ୍ତ ନମୁନା ସଂଗ୍ରହ କରି ଏହି ଟିମ୍ ଫେରିଛନ୍ତି।

## କାର୍ଯ୍ୟରତ କନଷ୍ଟେବଲଙ୍କ ମୃତ୍ୟୁ

**କୁଆମରା,୭।୮(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନସ୍ଥ କୁଆମରା ଫାଣ୍ଡିରେ କାର୍ଯ୍ୟରତ କନଷ୍ଟେବଲ ରବିକାନ୍ତ ସୋରେନ(୫୭)ଙ୍କର ବୁଧବାର ମୃତ୍ୟୁ ଘଟିଛି। ତାଙ୍କ ଘର ବଡ଼ସାହି ବ୍ଲକ ଅନ୍ତର୍ଗତ ପୁରୀଖୁଣ୍ଟା ଗ୍ରାମରେ। ସେ ପ୍ରାୟ ୩ ବର୍ଷ ହେବ ଏହି ଫାଣ୍ଡିରେ ନିଯୁକ୍ତି ପାଇ କାର୍ଯ୍ୟରତ ଥିଲେ। ମଙ୍ଗଳବାର ରାତିରେ ସେ ଫାଣ୍ଡି ଗୃହ ମଧ୍ୟରେ ଏକ ଖଟରେ ଶୋଇଥିବା ବେଳେ ହଠାତ ଖସି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ପ୍ରଥମେ କୁଆମରା ଡାକ୍ତରଖାନା ଓ ପରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ବୁଧବାର ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## ଯୁବକଙ୍କ ଆତ୍ମହତ୍ୟା

**ରାଇରଙ୍ଗପୁର,୭।୮(ଡି.ଏନ୍.ଏ.)**

ରାଇରଙ୍ଗପୁର ସହରାଞ୍ଚଳ ଅନ୍ତର୍ଗତ ୱାର୍ଡ ନଂ.୩ ମନ୍ଦିରସାହି ହରିଜନ ବସ୍ତି ଅଞ୍ଚଳର ଜଣେ ଯୁବକ ବୁଧବାର ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଜୀତେନ୍ଦ୍ର ବେହେରା (୨୮)। ସହରାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୧/୧୯) ରୁଜୁ ହୋଇଛି। ମୃତ ଜୀତେନ୍ଦ୍ର ଲେଖିଥିବା ଏକ ସୁଇସାଇଡ୍ ନୋଟ୍‌କୁ ପୋଲିସ ଜବତ କରିଛି।

## ବିଶ୍ୱ ସ୍ତନ୍ୟପାନ ଦିବସ

**କପ୍ତିପଦା,୭।୮(ଡ଼ି.ଏନ୍.ଏ)**

କପ୍ତିପଦା ବ୍ଲକ୍ ଅଧୀନ ଶରତ ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ବିଶ୍ୱ ସ୍ତନ୍ୟପାନ ଦିବସ ପାଳିତ ହୋଇ ଯାଇଛି। ଆରମ୍ଭ ପ୍ଲାନ ଓ ଆଇସିଡିଏସ ପରିଚାଳନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆୟୋଜିତ ସଭାରେ ଆରମ୍ଭ ପ୍ଲାନର ପ୍ରୋଜେକ୍ଟ ମ୍ୟାନେଜର ଶିବରାମ ଦାସ ଅଧ୍ୟକ୍ଷତା କରିଥିଲେ। ଡା.ଦୀପକ ବେହେରା, ଚିନ୍ତାମଣି ମହାକୁଡ, ସବିତା ମଞ୍ଜରୀ ମହାପାତ୍ର, ଦେବାଶିଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ଉପଖଣ୍ଡସ୍ତରୀୟ ଶିଶୁ ଅଧିକାର କର୍ମଶାଳା

**କପ୍ତିପଦା,୭।୮(ଡ଼ି.ଏନ୍.ଏ)**

କପ୍ତିପଦା ବ୍ଲକ୍ ଅଧୀନ ନୁଦୁଡିହାସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶିଶୁ ଅଧିକାର ସମ୍ପର୍କିତ ଉପଖଣ୍ଡସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଫକୀର ଚରଣ ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ରମେଶ ଚନ୍ଦ୍ର ନାୟକ, ଅଧ୍ୟାପକ ନକୁଳ ଜେନା, ଏନଏସଏସ ପ୍ରୋଗ୍ରାମ ଅଫିସର ଅନିତା ହାଁସଦା ପ୍ରମୁଖ ଯୋଗଦେଇ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । କର୍ମଶାଳାରେ ଜିଲା ଶିଶୁ ସୁରକ୍ଷା ୟୁନିଟର କାଉନସେଲର ଦିଲ୍ଲୀପ କୁମାର ପଣ୍ଡା ଯୋଗଦେଇ ଶିଶୁ ସୁରକ୍ଷା, ଶିଶୁ କଲ୍ୟାଣ, ଶିଶୁ ଅଧିକାର ଓ ସେମାନଙ୍କର ଥଇଥାନ ସମ୍ପର୍କିତ ବିଷୟ ବସ୍ତୁକୁ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ଲିଗାଲ ଅଫିସର ବନିତା ସାହୁ ଶିଶୁ ଅଧିକାରର ଆଇନଗତ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ନିରଞ୍ଜନ ପାଠୀ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ଏହି କର୍ମଶାଳା ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମିଶନ ଶକ୍ତି ବିଭାଗର ଆର୍ଥିକ ଓ ବୈଷୟିକ ସହାୟତାରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ଶେଷରେ ଅଧ୍ୟାପିକା ଡ. ଶୁଭଦର୍ଶିନୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତୀଛାତ୍ରମାନେ ଏଥିରେ ସହଯୋଗ କରିଥିଲେ।

## ଅବ୍ୟବସ୍ଥା ପ୍ରତିବାଦରେ ଆଦିବାସୀ ବିଦ୍ୟାଳୟ ଘେରାଉ



ମାରିସାର କର୍ମକର୍ତ୍ତାମାନେ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ବାରିପଦା ଅଫିସ,୭।୮**

ମୟୂରଭଞ୍ଜ ଜିଲାରେ ଥିବା ଆଦିବାସୀ ଓ ହରିଜନ ଛାତ୍ରୀଛାତ୍ରମାନଙ୍କ ଶିକ୍ଷା ଉଦ୍ଦେଶ୍ୟରେ ଆସୁଥିବା ଅନୁଦାନକୁ ଆତ୍ମସାତ କରାଯାଉଛି। ଏଭଳି ଅଭିଯୋଗ ଆଣି ମୟୂରଭଞ୍ଜ ରିଭୋଲ୍ୟୁସନାରୀ ୟୁଥ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ (ମାରିସା) ପକ୍ଷରୁ ବୁଧବାର ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏହି ବିଦ୍ୟାଳୟଗୁଡ଼ିକର ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଉଥିବା ବେଳେ ବିଭିନ୍ନ ମୌଳିକ ସୁବିଧା ଯଥା ପାନୀୟଜଳ, ବିଦ୍ୟୁତ, ଖାଇବା ଓ ଅନ୍ୟାନ୍ୟ ସୁବିଧାରୁ ବଞ୍ଚିତ କରାଯାଉଛି। ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଏହି କାର୍ଯ୍ୟାଳୟରେ ତାଲାବନ୍ଦ ଆନ୍ଦୋଳନ କରାଯିବ ବୋଲି ମାରିସା ପକ୍ଷରୁ ଚେତବନୀ ଦିଆଯାଇଛି। ଏଥି ସହ ୩ ଦଫା ସମ୍ବଳିତ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ମାରିସାର ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ରଘୁନାଥ ମୁର୍ମୁ, ସମୀର ଟୁଡୁ, କୁନୁ ମାରାଣ୍ଡି ପ୍ରମୁଖ ସାମିଲ ହୋଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ଅଗଷ୍ଟ ୮/୨୦୧୯ Balasore, Thursday, August 8/2019

## ସଂକ୍ଷେପରେ

### ଅପହୃତା ନାବାଳିକା ଉଦ୍ଧାର

ବନ୍ତ, ୭।୮ (ଡି.ଏନ.ଏ.) - ଭଦ୍ରକ ଜିଲା ବନ୍ତ ଥାନା ଅଞ୍ଚଳର ଜଣେ ଅପହୃତା ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ନାବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ତାଙ୍କ ବୟାନ ରେକର୍ଡ ପାଇଁ ବୁଧବାର ଭଦ୍ରକ କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ଜଣେ ଅଚିହ୍ନା ବ୍ୟକ୍ତି ଅପରାହ୍ନରେ ସମ୍ପୃକ୍ତ ନାବାଳିକାଙ୍କ ଘରକୁ ଆସି ଖାଇବାକୁ ମାଗିଥିଲେ। ତାଙ୍କ ପରିବାର ଲୋକେ ଖାଇସାରି ଥିବାରୁ କୌଣସି ଖାଦ୍ୟ ନ ଥିବା କହିଥିଲେ। ପରେ ସେହି ବ୍ୟକ୍ତି ଜଣଙ୍କ ଚାଉଳ ମାଗିଥିଲେ। ନାବାଳିକାଙ୍କ ମା' ଚାଉଳ ଆଣିବାକୁ ଘର ଭିତରକୁ ଯାଇଥିବା ବେଳେ ଅଚିହ୍ନା ବ୍ୟକ୍ତି ଘରେ ପଶି ନାବାଳିକାଙ୍କ ମୁହଁରେ କପଡ଼ା ପକାଇ ଉଠାଇ ନେଇଥିଲେ। ତାଙ୍କ ମା' ଆସି ତାଙ୍କୁ ପାଇ ନ ଥିଲେ। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଗଣିଜାଙ୍ଗ ନିକଟସ୍ଥ ରାସ୍ତା ପାଖରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୮୪/୧୯) ରୁଜୁ ହୋଇଛି।

### ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ



ଭଙ୍ଗାରୁଜା ଏଟିଏମ୍।

ସୋର,୭।୮(ଡି.ଏନ.ଏ.)- ବାଲେଶ୍ୱର ଜିଲା ସୋର ବ୍ଲକ ଅନ୍ତର୍ଗତ ମାଣିପୁର ବଜାରରେ ଥିବା ସେଣ୍ଟ୍ରାଲ ବ୍ୟାଙ୍କର ଏଟିଏମ୍ କାଉଣ୍ଟରକୁ ମଙ୍ଗଳବାର ବିଳମ୍ବିତ ରାତିରେ ଭାଙ୍ଗି ଲୁଟ୍ ଉଦ୍ୟମ କରାଯାଇଥିବା ଜଣାପଡ଼ିଛି। ଲୁଟେରାମାନେ ଏଟିଏମ୍‌କୁ ଭାଙ୍ଗି ଟଙ୍କା ନେବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ। ଏ ସମ୍ପର୍କରେ ମାଣିପୁର ସେଣ୍ଟ୍ରାଲ ବ୍ୟାଙ୍କ ଇଣ୍ଡିଆ ଶାଖା ତରଫରୁ ସୋର ଥାନାରେ ବୁଧବାର ଅଭିଯୋଗ କରାଯିବା ପରେ ସୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚାଲୁ ରଖିଛି।

ବେଆଇନ କରତକଳ ଉପରେ ଚଢ଼ାଉ

### ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ



ବସ୍ତା,୭।୮(ସ୍ୱ.ପ୍ର)- ବାଲେଶ୍ୱର ଜିଲା ରୂପ୍ସା ଥାନା ଅଞ୍ଚଳରେ ବୁଧବାର ବନବିଭାଗ ପକ୍ଷରୁ ଅଚାନକ ଚଢ଼ାଉ କରାଯାଇ ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶ ଜବତ କରାଯାଇଛି। ବେଆଇନ ଭାବେ କରତ କଳ ଚାଲୁଥିବା ସୂଚନାକୁ ଆଧାର କରି ବାଲେଶ୍ୱର ବନବିଭାଗ ରୂପ୍ସା ଥାନା ଅନ୍ତର୍ଗତ ପିଙ୍ଗୁଳବଣିଆ ଏବଂ ଲଛମନଖୁଣ୍ଟା ଗ୍ରାମରେ ଅଚାନକ ଚଢ଼ାଉ କରିଥିଲା। ସେଠାରୁ ନିମ, ଶାଗୁଆନ, ଆମ୍ବ ଇତ୍ୟାଦି ଲକ୍ଷାଧିକ ଟଙ୍କାର କାଠ ଓ କରତ କଳରେ ବ୍ୟବହୃତ ଯନ୍ତ୍ରାଂଶ ଜବତ କରାଯାଇଥିଲା। ଏହି ଚଢ଼ାଉରେ ରେଞ୍ଜର ଦେବେନ୍ଦ୍ର ନାଥ ପାତ୍ର, ବାଲେଶ୍ୱର ବନ ବିଭାଗ ଅଧିକାରୀ ବିବେକାନନ୍ଦ ଜେନା, ତାଳପଦା ବନ ବିଭାଗ ଅଧିକାରୀ ଶ୍ରାବଣୀ ମାରାଣ୍ଡି, ବାଲେଶ୍ୱର ଫରେଷ୍ଟ ଗାର୍ଡ଼ ପ୍ରହ୍ଲାଦ ନାୟକ ଏବଂ ସମ୍ପୃକ୍ତ ସିଓଲ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

■ ୨୨ ଝାଡଖଣ୍ଡ ହାତୀ ଖେଳାଉଛନ୍ତି ଆତଙ୍କ

# ଘରଭାଙ୍ଗିଲେ, କାନ୍ଥପଡ଼ି ବୃଦ୍ଧଙ୍କ ମୃତ୍ୟୁ





ହାତୀପଲ ଭାଙ୍ଗିଦେଇଥିବା ରୁପା ଚାତାରଙ୍କ ଘର(ବାମ)। କାନ୍ଥପଡି ମରିଛନ୍ତି ଗୃହପାଳିତ ପ୍ରାଣୀ।

ଠାକୁରମୁଣ୍ଡା,୭।୮(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଅଞ୍ଚଳରେ ପ୍ରାୟ ୨୨ରୁ ଅଧିକ ଝାଡଖଣ୍ଡ ହାତୀ ଉପଦ୍ରବ ଚଳାଇ ୩୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗି ସାରିଲେଣି। ସେମାନେ ପ୍ରତି ରାତିରେ ଜଙ୍ଗଲ ତଳି ଗାଁ ଗଣ୍ଡାରେ ପଶି ବ୍ୟାପକ ଧାନ ଓ ପରିବା ଫସଲ ଉଜାଡି ଦେଉଛନ୍ତି। ସନ୍ଧ୍ୟା ହେଲେ ହାତୀପଲ ଜଙ୍ଗଲରୁ ଆସି ଉପଦ୍ରବ କରୁଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରାତି ବିତାଉଛନ୍ତି। ବନ ବିଭାଗ କର୍ମଚାରୀ ହାତୀ ଘଉଡାଇବାରେ ସଫଳ ହେଉ ନ ଥିବାରୁ ଧନଜୀବନ ହାନି ଘଟି ଚାଲିଛି। ମଙ୍ଗଳବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଯଶିପୁର ବ୍ଲକ ଅନ୍ତର୍ଗତ ଧୁଧୁଆଣି ରେଞ୍ଜ ରୁଗୁଡି ପଞ୍ଚାୟତ ଖଣ୍ଡବନ୍ଧ ଗ୍ରାମର ରୁପା ଚାତାର ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ଘରେ ଶୋଇଥିବା ବେଳେ ହାତୀପଲ ଆସି ତାଙ୍କ ଘର କାନ୍ଥ ଭାଙ୍ଗି ଦେଇଥିଲେ। କାନ୍ଥ ଭାଙ୍ଗି ପଡିବାରୁ ଏହା ତଳେ ରୁପା ଚାପି ହୋଇ ରହି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହି ଘରେ ଶୋଇଥିବା ତାଙ୍କ ପୁଅ ଦୌଡି ପଳାଇ ଯିବାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବୁଧବାର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ବନ ବିଭାଗ କର୍ମଚାରୀ ସମ୍ପୃକ୍ତ ଅଞ୍ଚଳକୁ ଯାଇ ହାତୀଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ରରୁଆଁ, ଶୁକ୍ରୁଲି ଓ ଯଶୀପୁର ଆଦି ୩ଟି ବ୍ଲକ ଅଞ୍ଚଳରେ ଗତ ସପ୍ତାହେ ହେଲା ହାତୀପଲ ଆତଙ୍କ ଖେଳାଇଛନ୍ତି। ରରୁଆଁ ବ୍ଲକ ଅନ୍ତର୍ଗତ ଯାମୁଡି, ଟାକୁଲିପାଳ, ଶୁକ୍ରୁଲି ବ୍ଲକର ଜେଠମା, ନାଏକ ସାହି ଓ ଯଶୀପୁର ବ୍ଲକ ଅଧୀନ କୁଦର ସାହି, ମଣଦା ପ୍ରଭୃତି ଗ୍ରାମରେ ପଶି ଘର ଭାଙ୍ଗିବା ସହ ବ୍ୟାପକ ଧାନ ଓ ପରିବା ଫସଲ ଉଜାଡି ଦେଇଛନ୍ତି। ହାତୀପଲଙ୍କୁ ଘଉଡାଇବା ପାଇଁ ବନବିଭାଗର ସମସ୍ତ ପଦକ୍ଷେପ ଫେଲ୍ ମାରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ବର୍ଷାରେ ଧସିଲା ନଦୀବନ୍ଧ

ଭଣ୍ଡାରିପୋଖରୀ, ୭।୮ (ଡି.ଏନ.ଏ.)

ନଦୀବନ୍ଧ ନିର୍ମାଣ ଲାଗି ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଆବଶ୍ୟକ ତଦାରଖ ଅଭାବରୁ ଠିକାଦାର ମନଇଚ୍ଛା କାମ କରି ଚାଲି ଯାଉଛନ୍ତି। ବନ୍ୟାରେ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ସରକାର ବୈତରଣୀ ନଦୀବନ୍ଧକୁ କ୍ୟାପିଟାଲ ଏମ୍ବାକ୍‌ମେଣ୍ଟ ପ୍ରକଳ୍ପ ମାଧ୍ୟମରେ ସୁଦୃଢ଼ୀକରଣ କରାଇଥିଲେ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ବାଲିପୋଖରୀ ପଞ୍ଚାୟତ ବଳିଘାଇଠାରୁ ଧାମନଗର ବ୍ଲକ ଦେହୁଡ଼ି-ଆନନ୍ଦପୁର ପର୍ଯ୍ୟନ୍ତ ନାବାର୍ଡ ସହାୟତାରେ ୧୨ କୋଟି ୪୯ ଲକ୍ଷ ୪୫ ହଜାର ୫୦୬ ଟଙ୍କା ବ୍ୟୟରେ ଚଳିତବର୍ଷ ନୂତନ ବନ୍ଧ ନିର୍ମାଣ କରାଯାଇଥିଲା। ଯାଜପୁର ଜଳସେଚନ ବିଭାଗ ପକ୍ଷରୁ ଜଣେ ଠିକାଦାର କାର୍ଯ୍ୟାଦେଶ ପାଇଥିଲେ। ନିମ୍ନମାନର କାର୍ଯ୍ୟ ଯୋଗୁ ବର୍ଷାରେ ନଦୀବନ୍ଧ ଧସିଯାଇଛି। କଣ୍ଟିଘାଇ, ମଣିନାଥପୁର ବିଦ୍ୟାଳୟ ଓ ବିନ୍ଧାଣ ଗ୍ରାମ ନିକଟରେ ବନ୍ଧଠାରୁ ୧୦ରୁ ୨୦ ଫୁଟ ପର୍ଯ୍ୟନ୍ତ ମାଟି ନଦୀ ମଧ୍ୟକୁ ଖସିପଡ଼ିଛି। ବିଭିନ୍ନ ସ୍ଥାନରେ ବନ୍ଧରେ ଫାଟ ମଧ୍ୟ ସୃଷ୍ଟି ହୋଇଛି। ଯନ୍ତ୍ରୀମାନଙ୍କ

### ନିମ୍ନମାନର କାର୍ଯ୍ୟ ଅଭିଯୋଗ

ତଦାରଖ ଅଭାବରୁ ଠିକାସଂସ୍ଥା କ୍ୱାଲିଟି କଣ୍ଟ୍ରୋଲ ଅନୁଯାୟୀ କାମ କରି ନ ଥିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବୈତରଣୀରେ ବନ୍ୟା ଆସିଲେ ସ୍ଥାନୀୟ ଅଞ୍ଚଳର ଲୋକେ ନଦୀବନ୍ଧ ଅବସ୍ଥା ଦେଖି ଭୟଭୀତ ହୋଇପଡ଼ିଛନ୍ତି। ବିଭାଗୀୟ ଉଚ୍ଚ ପଦାଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି କରାଯାଇଛି।



ବୈତରଣୀ ନଦୀବନ୍ଧରୁ ମାଟି ଧସିଯାଇଛି।

# 'ମାନବ ଅଧିକାର ସୁରକ୍ଷା ଜରୁରୀ'

ବାଲେଶ୍ୱର ଅଫିସ,୭।୮-

ବର୍ତ୍ତମାନ ସମୟରେ ମାନବଧିକାର ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନହୋଇ ଉଭା ହୋଇଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ମାନବଧିକାର ଯେଭଳି କ୍ଷୁଣ୍ଣ ନ ହେବ ସେଥିଲାଗି ଗୁରୁତ୍ୱ ଦିଆଯାଉଛି। ମାନବ ଅଧିକାର ଆୟୋଗ ଏ ଦିଗରେ ନିରନ୍ତର କାର୍ଯ୍ୟ କରି ଚାଲିଛି। ଗଣତାନ୍ତ୍ରିକ ପଦ୍ଧତିରେ କେଉଁଠି ମାନବଧିକାର କ୍ଷୁର୍ଣ୍ଣ ହେଉଥିଲେ, ଆୟୋଗର ସଭ୍ୟାସଭ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଖରେ ପହଞ୍ଚି ସହାୟତା କରିବା ଦରକାର ବୋଲି ମାନବ ଅଧିକାର ଆୟୋଗ, ଭୁବନେଶ୍ୱର ଶାଖାର ମୁଖ୍ୟ ଆବାହକ ରାଜୀବ ପଟ୍ଟନାୟକ କହିଛନ୍ତି।

ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ମାନବ ଅଧିକାର ଆୟୋଗ ବାଲେଶ୍ୱର ଜିଲା ଶାଖା ପକ୍ଷରୁ ସ୍ଥାନୀୟ ଏକ ଘରୋଇ ହୋଟେଲ ପରିସରରେ ଆୟୋଜିତ ହୋଇଥିଲା ଏକ ଜିଲାସ୍ତରୀୟ ସମ୍ମିଳନୀ । ଭୁବନେଶ୍ୱର ଶାଖା ମୁଖ୍ୟ ଆବାହକ ରାଜୀବ ଅତିଥିଭାବେ ଯୋଗଦେଇ କିଭଳି ମାନବାଧିକାର ସୁରକ୍ଷା ଦିଗରେ ଧ୍ୟାନ ଦେଇ କାର୍ଯ୍ୟ କରାଯିବ, ତାହା ବୁଝାଇଥିଲେ। ଖଇରା, ବସ୍ତା, ବାହାନଗା, ସଦର, ସିମୁଳିଆ, ନୀଳଗିରି, ରେମୁଣା ଆଦି ବ୍ଲକରୁ ୩୦ରୁ ଉର୍ଦ୍ଧ୍ୱ ସଭ୍ୟାସଭ୍ୟ ଏହି ସମ୍ମିଳନୀରେ ଯୋଗଦେଇଥିଲେ। ଜିଲା ସଭାପତି ତଥା ଆଇନଜୀବୀ ପ୍ରଜ୍ଞା ପରମିତା ମହାନ୍ତି ସଭାପତିତ୍ୱ କରିଥିଲେ। ଉପସଭାପତି ସମାଜସେବୀ ବାସନ୍ତୀ ସାମଲ ସମ୍ମିଳନୀର ଉଦ୍ଦେଶ୍ୟ ଓ ମାନବାଧିକାର ସୁରକ୍ଷା କିଭଳି ଜରୁରୀ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମାଜସେବୀ କାହ୍ନୁ ଚରଣ ପାକଳ ମଞ୍ଚ ପରିଚାଳନା କରିଥିଲେ।




ଜିଲାସ୍ତରୀୟ ମାନବ ଅଧିକାର ସମ୍ମିଳନୀରେ ଅତିଥି ଓ ଅନ୍ୟମାନେ ।

■ ଅଚେତ ଅବସ୍ଥାରେ ଅପହୃତା ଛାତ୍ରୀ ଉଦ୍ଧାର ଘଟଣା

# ଅଭିଯୁକ୍ତଙ୍କ ପାଖରେ ପହଞ୍ଚିବାକୁ ଯୋଜନା କରୁଛି ପୋଲିସ

ବନ୍ତ, ୭।୮ (ସ୍ୱ.ପ୍ର.)

ଭଦ୍ରକ ଜିଲା ଆଗରପଡ଼ା ଥାନା ଅଞ୍ଚଳରୁ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ମଙ୍ଗଳବାର ଅପହରଣ କରି ନିଆଯିବାର ୫ ଘଣ୍ଟା ପରେ ତାଙ୍କୁ ସାଳନ୍ଦୀ ନଦୀକୂଳ ଏକ ଆମ୍ବତୋଟାରୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ପାଖରେ ପହଞ୍ଚିବାକୁ ପୋଲିସ ଯୋଜନା ପ୍ରସ୍ତୁତ କରୁଛି। ନାବାଳିକା ଛାତ୍ରୀଙ୍କୁ ଅପହରଣ ପରେ ତାଙ୍କ ପରିବାରକୁ ଏକାଧିକ ଥର ଫୋନ କଲ୍ ଆସିଥିବା ନମ୍ବରକୁ ଟ୍ରାକ୍ କରି ଅପହରଣକାରୀଙ୍କୁ ଧରିବା ପରେ ପ୍ରକୃତ ରହସ୍ୟ ପଦାକୁ ଆସିବ ବୋଲି ଏଏସ୍‌ଆଇ ରାମେଶ୍ୱର ସୋରେନ କହିଛନ୍ତି।

ଉଲ୍ଲେଖନୀୟ ଯେ, ସ୍କୁଲ ଆସୁଥିବା ରାସ୍ତାରୁ ଛାତ୍ରୀଙ୍କୁ କେହି ଅପହରଣ କରିନେଇ ପରିବାର ଲୋକଙ୍କୁ ଫୋନ୍‌ରେ ଧମକ ଦେଉଥିବା ତାଙ୍କ ମା' ଆଗରପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୂର୍ବଶତ୍ରୁତାରୁ ତାଙ୍କ ଝିଅକୁ ଅପହରଣ କରାଯାଇଥିବା ସେ ଅଭିଯୋଗରେ ଦର୍ଶାଇଥିଲେ। ପୋଲିସ ଏକ ମାମଲା (ନଂ.୧୦୧/୧୯) ରୁଜୁ କରି ତଦନ୍ତ କରିଥିଲା। ଅପରାହ୍ନରେ ଉକ୍ତ ନାବାଳିକାଙ୍କୁ ଟିଙ୍କିରା ନିକଟସ୍ଥ ସାଳନ୍ଦୀ ନଦୀ କୂଳ ଆମ୍ବତୋଟାରୁ ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସୁସ୍ଥ ହେବା ପରେ ନାବାଳିକା ତାଙ୍କ ଘରକୁ ଫେରିଛନ୍ତି। ପୋଲିସ ତଦନ୍ତ ଜାରି ରଖିବା ସହ ଅପହରଣକାରୀଙ୍କୁ ଧରିବାକୁ ଚେଷ୍ଟା ଚଳାଇଛି।

# କାମ ଆରମ୍ଭରୁ ଭାଙ୍ଗିଲା ଗ୍ରୀଡ୍ ସବ୍‌ଷ୍ଟେଶନ ପାଚେରି



ଗ୍ରୀଡ୍ ସବ୍‌ଷ୍ଟେଶନର ପାଚେରି ଭାଙ୍ଗିଯାଇଛି।

ବନ୍ତ, ୭।୮ (ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକ ଅନ୍ତର୍ଗତ ରାମକୃଷ୍ଣପୁର ପଞ୍ଚାୟତ ଗୋପାଳସାହିସ୍ଥିତ କପାଳି ନଦୀ କୂଳରେ ଓପିଟିସିଏଲ୍(ଓଡ଼ିଶା ପାୱାର ଟ୍ରାନ୍ସମିସନ୍ କର୍ପୋରେଶନ ଲି଼) ପକ୍ଷରୁ ଜାପାନ ଇଣ୍ଟରନ୍ୟାଶନାଲ ଏଜେନ୍ସି ଅଧୀନରେ ୨/୫୦୦ ଏମ୍‌ଭିଏ ଆଇସିଟି/୪୦୦/୨୨୦ ଜିଆଇଏସ୍ ଗ୍ରୀଡ୍ ସବ୍‌ଷ୍ଟେଶନ ନିର୍ମାଣ ନେଇ ୨୦୧୮ରେ ତତ୍କାଳୀନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ଏହାର ପାଚେରି କାମ ଚାଲିଥିବା ବେଳେ ନିମ୍ନମାନର କାମ ଯୋଗୁ ନିକଟରେ ପାଚେରି କାନ୍ଥ ଭାଙ୍ଗି ଖସି ପଡ଼ିଛି। ଭୁବନେଶ୍ୱରସ୍ଥିତ ଏକ ଠିକାଦାରୀ ସଂସ୍ଥା ଦ୍ୱାରା ଏହି କାମ ଚାଲିଛି। ବିଭାଗୀୟ ଯନ୍ତ୍ରୀଙ୍କ ଦ୍ୱାରା ନିର୍ମାଣ କାର୍ଯ୍ୟର ତଦାରଖ କରାଯାଉ ନ ଥିବାରୁ ମନମୁଖି ଭାବେ କାମ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କୋଟି କୋଟି ଟଙ୍କାର ଏହି ପ୍ରକଳ୍ପ କାର୍ଯ୍ୟ ଠିକ୍ ଭାବେ କରାଯିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ନେସ୍କୋ କନିଷ୍ଠ ପରିଚାଳକ ମନୋରଞ୍ଜନ ସାହୁଙ୍କୁ ପଚାରିବାରୁ ଏହା ଓପିଟିସିଏଲ୍‌ର କାମ ହୋଇଥିବାରୁ ସେ କିଛି କହିପାରି ନ ଥିଲେ।




# ନୂତନ ସିଆର୍‌ସିସିଙ୍କୁ ଉପେକ୍ଷା

■ ବିଏଲଓ ସୁପରଭାଇଜର ପଦବୀକୁ ନେଇ ଅଡୁଆ
■ କାର୍ଯ୍ୟରୁ ଅବ୍ୟାହତି ସତ୍ତ୍ୱେ ମିଳୁଛି ଦାୟିତ୍ୱ
■ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇବା ଲାଗି ବୈଠକରେ ନିଷ୍ପତ୍ତି

ଖଇରା, ୭।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ୧୭ଟି ଆଞ୍ଚଳିକ ସାଧନ କେନ୍ଦ୍ରରେ ଥିବା ଆଞ୍ଚଳିକ ସାଧନ ସଂଯୋଜକ (ସିଆରସିସି)ଙ୍କ କାର୍ଯ୍ୟକାଳ ସରିବା ସତ୍ତ୍ୱେ ସେମାନଙ୍କୁ ବିଏଲଓ ସୁପରଭାଇଜର ପଦବୀରେ ରଖାଯାଉଥିବାରୁ ନୂତନ ଭାବେ ନିଯୁକ୍ତି ପାଇଥିବା ସଂଯୋଜକମାନେ ଏହାକୁ ବିରୋଧ କରିଛନ୍ତି। ଏ ନେଇ ନୂତନ ସିଆର୍‌ସିସିମାନେ ଏକ ବୈଠକରେ ମିଳିତ ହୋଇ ଏ ସମ୍ପର୍କରେ ଜିଲାପାଳ, ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ବିଏଲଓ ସୁପରଭାଇଜର ପଦବୀକୁ ନେଇ ଏହି ବ୍ଲକରେ ଅଡୁଆ ବଢିବାରେ ଲାଗିଛି।

ଖଇରା ବ୍ଲକରେ ମୋଟ ୧୭ଟି କ୍ଲଷ୍ଟର ରହିଛି। ସେଥିରୁ ଅନ୍ତରା, ଗରସଙ୍ଗ, ଖଇରା, କୁପାରୀ, ହରିପୁର, ନହଙ୍ଗ, ଡୁଙ୍ଗୁରା, ସୁନ୍ଦରପୁର, ଜଳଙ୍ଗ, ସାରଡାଙ୍ଗ, ଶ୍ୟାମସୁନ୍ଦରପୁର, ପ୍ରହରାଜପୁର, ସାରୁଗାଁ, ମହତିପୁର, ଡଗରପଡ଼ା, ମାଖନପୁର, ବର୍ତ୍ତନାରେ କାର୍ଯ୍ୟ କରୁଥିବା ସଂଯୋଜକଙ୍କ କାର୍ଯ୍ୟକାଳ ୨୦୧୮ ମାର୍ଚ୍ଚରେ ଶେଷ ହୋଇଥିଲା । ପରେ ସେମାନଙ୍କ କାର୍ଯ୍ୟସୀମାର ସମ୍ପ୍ରସାରଣ କରାଯାଇଥିଲା । ଶେଷରେ ୨୦୧୯ ଜୁନରେ ସେମାନଙ୍କୁ ଅବ୍ୟାହତି ଦିଆଯାଇଥିଲେ ମଧ୍ୟ ସେମାନେ ବର୍ତ୍ତମାନ ଦରମା ଉଠାଉଥିବା ସ୍କୁଲରେ ପୂର୍ବଭଳି ଶିକ୍ଷାଦାନ କରି ଚାଲିଛନ୍ତି । ସେମାନଙ୍କୁ ବୁଥ ସ୍ତରୀୟ ସୁପରଭାଇଜର ଦାୟିତ୍ୱରୁ ଅବ୍ୟାହତି ଦିଆ ନ ଯାଇ ଭୋଟର ତାଲିକା ସଂଶୋଧନ ଭଳି କାର୍ଯ୍ୟରେ ନିୟୋଜିତ କରାଯାଉଛି । ଏଥିଲାଗି ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ୧୭ଟି ସ୍କୁଲର ଶିକ୍ଷାଦାନ ବାଧାପ୍ରାପ୍ତ ହେଉଥିବା ଛାତ୍ରୀଛାତ୍ର, ଅଭିଭାବକମାନେ ଅଭିଯୋଗ କରୁଛନ୍ତି।

ପୂର୍ବର ସିଆର୍‌ସିସିଙ୍କୁ ସୁପରଭାଇଜର ଦାୟିତ୍ୱ ମିଳୁଥିବା ବେଳେ ନୂତନ ଭାବେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ଏଥିରୁ ବଞ୍ଚିତ କରାଯାଉଛି। ସେମାନେ ଠିକ୍ ଭାବେ କାର୍ଯ୍ୟ ତୁଲାଇ ପାରୁ ନ ଥିବା ଅଭିଯୋଗ କରୁଛନ୍ତି। ଖଇରା ବ୍ଲକର ୧୫୯ଟି ବୁଥରେ ଅଧିକାରୀ ନିଯୁକ୍ତ ଦିଆଯାଇ ଗତ ଶନିବାରଠାରୁ ସେମାନଙ୍କୁ ତାଲିମ ଦିଆଯାଉଛି। ଅଥଚ ନୂଆ ସିଆରସିସିଙ୍କୁ ଦାୟିତ୍ୱରୁ ବଞ୍ଚିତ କରାଯାଉଛି । ଏସବୁ ସମସ୍ୟାର ପ୍ରତିକାର ନ ହେଲେ ନୂତନ ଭାବେ ନିଯୁକ୍ତ ପାଇଥିବା ୧୭ ସଂଯୋଜକ ବାଧ୍ୟ ହୋଇ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ସ୍ଥିର କରିଥିବା ସୁରେନ୍ଦ୍ର ବେହେରାଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ମାୟାଧର ମଲ୍ଲିକଙ୍କୁ ପଚାରିବାରୁ ଅନେକ କାମ ବାକି ପଡିଥିବାରୁ ପୁରୁଣା ସିଆରସିସିଙ୍କୁ ଅଧିକ ୨ମାସ ଦାୟିତ୍ୱରେ ରଖାଯାଇଛି। ପରେ ନୂଆ ସିଆରସିସିଙ୍କୁ ବିଏଲଓ ସୁପରଭାଇଜର ଦାୟିତ୍ୱ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# କାରିଗରି ହସ୍ତକଳାର ଆକର୍ଷଣ


କର୍ମଶାଳାରେ ମଞ୍ଚାସୀନ ଅତିଥି ଓ ବିପଣନ ଗୋଷ୍ଠୀର ସଭ୍ୟାସଭ୍ୟା ।

- ଯୋଗ ଦେଲେ ୪୩ ବିପଣନ ଗୋଷ୍ଠୀ
- ପ୍ରଦର୍ଶନୀରେ ଗୁଆପତ୍ର ଥାଳି, ଲାଖ, ସବାଇ ଓ ସୂତା ସାମଗ୍ରୀର ପସରା
- କର୍ମଶାଳାରେ ଦିଆଗଲା ତାଲିମ

**ବାଲେଶ୍ୱର ଅଫିସ,୭।୮**

ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରେ ଉପଲବ୍ଧ କଞ୍ଚାମାଲକୁ ନେଇ ଆକର୍ଷଣୀୟ ହସ୍ତକଳା ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଭୋଗରାଇରୁ ଗୁଆପତ୍ର ଥାଳି, ଔପଦାର ଟେରାକୋଟା, ନୀଳଗିରିର ଲାଖ, ଜଳେଶ୍ୱରର ଟସର, ବାଲିଆପାଳର ସବାଇ, ବାଲେଶ୍ୱର ସଦର ବ୍ଲକର ରେଶମ ସୂତା ସାମଗ୍ରୀର ସୁନ୍ଦର କାରିଗରି ଜିନିଷର ମଧ୍ୟ ଯଥେଷ୍ଟ ଚାହିଦା ରହିଛି। ଏସବୁ ଉତ୍ପାଦିତ ସାମଗ୍ରୀର ଉତ୍ପାଦନ ଓ କାରବାର ବୃଦ୍ଧି ଲାଗି ପରିଷଦ ସମ୍ମିଳନୀ କକ୍ଷରେ କର୍ମଶାଳା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଓରମାସ ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ବିଶ୍ୱାଳଙ୍କ ସଂଯୋଜନାରେ ବିପଣନ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ସାମଗ୍ରୀଗୁଡ଼ିକୁ ସେଠାରେ ପ୍ରଦର୍ଶନୀ କରାଯାଇଥିଲା। ଜିଲାର ୧୨ଟି ବ୍ଲକରେ ଥିବା ୪୩ଟି ବିପଣନ ଗୋଷ୍ଠୀର ସଭ୍ୟାସଭ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ଉତ୍ପାଦିତ ସାମଗ୍ରୀ ମଧ୍ୟରେ ଗୁଆପତ୍ର ଥାଳି, ଟେରାକୋଟା, ଲାଖ ସାମଗ୍ରୀ ସମେତ ଟସର, ସବାଇ ଓ ରେଶମ ସୂତାର ସମ୍ଭାର ଦେଖଣାହାରୀଙ୍କ ଆଖି ଝଲସାଇଥିଲା। ଏସବୁ ସାମଗ୍ରୀ ପ୍ରସ୍ତୁତି ସୁନ୍ଦର କାରିଗରି କୌଶଳକୁ ଉପସ୍ଥିତ ଅତିଥି ଓ ଅଧିକାରୀମାନେ ପ୍ରଶଂସା କରିଥିଲେ। କର୍ମଶାଳାରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ, ଅଗ୍ରଣୀ ବ୍ୟାଙ୍କ ପରିଚାଳକ, ନାବାର୍ଡ, ଓରମାସ ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଜୟ କର ପ୍ରମୁଖ ଭାଗନେଇ ଏଭଳି ଆୟୋଜନକୁ ପ୍ରଶଂସା କର ବିପଣନ ଗୋଷ୍ଠୀ ଉତ୍ପାଦିତ ସାମଗ୍ରୀକୁ ଅଧିକ ଆକର୍ଷଣୀୟ ଓ ଉନ୍ନତମାନର କରି ଏହାର ପ୍ରଚାର ପ୍ରସାର କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଓରମାସ ବାଲେଶ୍ୱର ତରଫରୁ ପ୍ରଥମ କରି ଜିଲାରେ ହେଉଥିବା ଉତ୍ପାଦକ ଗୋଷ୍ଠୀଙ୍କ ଦ୍ରବ୍ୟ ଓ ଡିଡିୟୁଜିକେୱାଇ ତାଲିମ ପ୍ରତିଷ୍ଠାନ ସହିତ ପନିପରିବା ଓ ସାନିଟାରୀ ନାପକିନ ବ୍ୟବସାୟୀଙ୍କ ସଂଯୋଗୀକରଣ ବ୍ୟବସ୍ଥାକୁ ଆନୁଷ୍ଠାନିକ ଭାବେ ମଧ୍ୟ ଉଦ୍‌ଘାଟନ କରାଯାଇଥିଲା।

## ସଂକ୍ଷେପରେ

### ୨ ବଖରା ଜଳିଗଲା

**କୋଲିମାଟି, ୭।୮(ଡି.ଏନ.ଏ)-** କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ କୋଲିମାଟି ପଞ୍ଚାୟତର କୁମୁଡ ଗ୍ରାମରେ ମଙ୍ଗଳବାର ବିଦ୍ୟୁତ ସର୍କିଟରୁ ନିଆଁ ଲାଗିଯିବା ଜିରା ନାଏକଙ୍କ ୨ ବଖରା ଛଣ ଘର ଜଳି ପାଉଁଶ ହୋଇଯାଇଛି । ତାଙ୍କର ଟଙ୍କା ପଇସା ସହ ବହୁ ଆସବାବପତ୍ର ଜଳିଯାଇଛି। ପରିବାର ଲୋକମାନେ ସୁରକ୍ଷିତ ଭାବେ ବାହାରି ଆସିଥିଲେ। ଆମ କୋଲିମାଟି ଖବରଦାତା ଆନନ୍ଦପୁର ଦମକଳ ଅଫିସକୁ ଫୋନ କରିବାମାତ୍ରେ ଦମକଳ ଗାଡି ପହଞ୍ଚି ନିଆଁକୁ ଲିଭାଇଥିଲେ। ସେ ଆଦିବାସୀ ଶ୍ରେଣୀର ଲୋକ ଅଟନ୍ତି ଏବଂ ପର ଘରେ ମୁଲ ମଜୁରୀଆ ଲାଗି ଚଳିଥାନ୍ତି । ସେଥିପାଇଁ କୁମୁଡ ଗ୍ରାମବାସୀ ତାହଙ୍କୁ ସାହାଯ୍ୟ କରିବାକୁ ସରକାରଙ୍କୁ ନିବେଦନ କରିଛନ୍ତି।

### ଦୀପକ ରାଜଙ୍କ ପିତୃବିୟୋଗ

**ପାଟଣା, ୭।୮(ସ୍ୱ.ପ୍ର.)-** କେନ୍ଦୁଝର ଜିଲା ସାହାରପଡା ବ୍ଲକ ଉଦୟପୁର ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତ୍ରିଲୋଚନ ରାଜଙ୍କର ମଙ୍ଗଳବାର ରାତିରେ ୮୧ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇପୁଅ ଓ ଝିଅ ଉପସ୍ଥିତ ଥିଲେ। ତ୍ରିଲୋଚନ ହେଉଛନ୍ତି କେନ୍ଦୁଝର ଜିଲା ବିଜୁ କୃଷକ ଜନତା ଦଳର ସଭାପତି ଦୀପକ ରାଜଙ୍କ ବାପା। ବୁଧବାର ଉଦୟପୁର ବୈତରଣୀ ନଦୀକୂଳରେ ତାଙ୍କର ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଛି। ବଡ଼ପୁଅ ଦୀପକ ମୁଖାଗ୍ନି ଦେଇଥିଲେ। ତ୍ରିଲୋଚନଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୪୯ ନଂ ଜାତୀୟ ରାଜପଥରେ ଖାଲ


ରାସ୍ତାରେ ସୃଷ୍ଟି ହୋଇଥିବା ଖାଲ।

**କେନ୍ଦୁଝର, ୭।୮ (ସ୍ୱ.ପ୍ର.)**

ବର୍ଷାରେ କେନ୍ଦୁଝର ସହରର ରାସ୍ତାରେ ବଡ ବଡ ଖାଲ ଖମା ସୃଷ୍ଟି ହୋଇଥିଲେ ହେଁ କାହାରି ନିଘା ନାହିଁ । ଫଳରେ ଲୋକ ମାନେ ଉକ୍ତ ଖାଲରେ ପଡି ଖଣ୍ଡିଆ ଖାବରା ହେଉଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର କରାଯାଉନାହିଁ । ବର୍ଷା ଯୋଗୁଁ ରାସ୍ତାରେ ପାଣି ଭର୍ତ୍ତି ହୋଇଥିବାରୁ ଖାଲଖମା ଦିଶୁ ନାହିଁ। ଉକ୍ତ ରାସ୍ତାରେ ଯାଉଥିବା ସାଇକେଲ, ମୋଟରସାଇକେଲରେ ଯାଉଥିବା ଲୋକେ ଏହି ଖାଲରେ ପଡି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। କେନ୍ଦୁଝର ସହର ମଧ୍ୟରେ ମସଜିଦ ନିକଟରେ ଏନଏଚ ୪୯ ରେ ବିରାଟ ବଡ଼ ଖାଲ ହୋଇଛି । ମାଟି ପକାଇ ପୂରଣ କରାଯାଉଥିଲେ ହେଁ ବର୍ଷା ପରେ ବହୁ ସଂଖ୍ୟାରେ ଗାଡି ଚଳାଚଳ କରୁଥିବାରୁ ପୁଣି ଖାଲ ହୋଇଯାଉଛି । ଏଣୁ ଶୁଖିଲା ସମୟରେ ସ୍ଥାୟୀ ମରାମତି କରାଯାଉ ନ ଥିବାରୁ ସ୍ଥାନୀୟ ଲୋକ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସେହିପରି କେନ୍ଦୁଝର ସହର ଦେଇ ଯାଇଥିବା ଉକ୍ତ ଜାତୀୟ ରାଜପଥର ଅନେକ ସ୍ଥାନରେ ରାସ୍ତା ଖରାପ ହୋଇଥିବାରୁ ଦୁର୍ଘଟଣାର କାରଣ ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନର ଚେତାପଶୁନଥିବାରୁ ଆଗାମୀ ଦିନରେ ଅସନ୍ତୋଷ ଗୁରୁତର ରୂପ ଧାରଣ କରିବ ବୋଲି ମତ ପ୍ରକାଶ ପାଉଛି।

# ଅଭିଭାବକ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ

- ଅନର୍ସ ନାମ ଲେଖାରେ ଛାତ୍ରୀଛାତ୍ର ବଞ୍ଚିତ

**ତେଲକୋଇ, ୭।୮(ଡି.ଏନ.ଏ.)**

କେନ୍ଦୁଝର ଜିଲା ତେଲକୋଇ ବ୍ଲକ ମୁଖ୍ୟାଳୟରେ ଥିବା ଚାରିଗଡ ମହାବିଦ୍ୟାଳୟରେ ଯୁକ୍ତ ୩ ପ୍ରଥମ ବର୍ଷ ବିଜ୍ଞାନ ଓ ଯୁକ୍ତ ୩ ପ୍ରଥମ ବର୍ଷରେ ନାମ ଲେଖାଇବା ଲାଗି କେତେକ କଳା ଛାତ୍ରୀଛାତ୍ର ଅନଲାଇନ ଫର୍ମ ପୂରଣ କରି ଅନର୍ସ ପାଠ୍ୟକ୍ରମ ରଖିବାରୁ ବଞ୍ଚିତ ହୋଇଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ଅନଲାଇନ ଫର୍ମ ପୂରଣ ବେଳେ ସେଠାରେ ଅନର୍ସ ରଖିବା ଲାଗି କୌଣସି ସୂଚନା ନ ଥିଲା। ପରେ କଲେଜ କର୍ତ୍ତୃପକ୍ଷ ସେମାନଙ୍କୁ କିଛି ଜଣାଇ ନ ଥିଲେ। ଏହି ଛାତ୍ରୀଛାତ୍ର ଅନର୍ସ ରଖିବାକୁ ଚାହୁଁଥିବା କର୍ତ୍ତୃପକ୍ଷଙ୍କୁ ଜଣାଇବାରୁ ସେମାନଙ୍କୁ ଆବେଦନ ସମୟ ଗଲାଣି ବୋଲି କୁହାଯାଇଥିଲା। ଏଭଳି ଘଟଣାରେ ଛାତ୍ରୀଛାତ୍ର ଅନଲାଇନ ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ ଥିଲା ବୋଲି ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ କଲେଜ କର୍ତ୍ତୃପକ୍ଷ ଓ ଉଚ୍ଚ ଶିକ୍ଷା ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏଭଳି ସମସ୍ୟା ଉପୁଜିଥିବା ଛାତ୍ରୀଛାତ୍ର ଅଭିଯୋଗ କରି ଏହାର ପୁନର୍ବିଚାର ଦାବି କରିଛନ୍ତି। ଏସମ୍ପର୍କରେ କଲେଜ ଅଧକ୍ଷ ମାନ ଗୋବିନ୍ଦ ସାହୁଙ୍କୁ ପଚାରିବାରୁ କହିଛନ୍ତି ଛାତ୍ରୀଛାତ୍ରଙ୍କ ଅଭିଯୋଗ ତାଙ୍କ ଦୃଷ୍ଟିକୁ ଆସିଛି। ଆସନ୍ତା ୧୪ତାରିଖରେ ସ୍ପଟ ସିଲେକ୍ସନ ପରେ ଅନର୍ସରେ ଆଡମିଶନ ବିଷୟ ନେଇ ଯାହା କିଛି ସ୍ଥିର କରାଯିବ ।

# ପ୍ଲାଣ୍ଟରୁ ଚୋରି ଅଭିଯୋଗରେ ୨ ଗିରଫ

**ବଡବିଲ, ୭।୮(ସ୍ୱ.ପ୍ର.)**

ବଡବିଲ ଥାନା ଅନ୍ତର୍ଗତ ଉଲିବୁରୁସ୍ଥିତ ଶ୍ରୀଜଗନ୍ନାଥ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ ପ୍ଲାଣ୍ଟରୁ ଗତ ସୋମବାର ବିଳମ୍ବିତ ରାତିରେ ଲୌହ ସାମଗ୍ରୀ ଚୋରି ଅଭିଯୋଗରେ ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବଡବିଲ ମହାନ୍ତ ବସ୍ତି ମମତା ହଟିଂ ଅଞ୍ଚଳର ଗୁରୁ ଚରଣ ହେସା ଓ ଜନ ଟିଉ ଓରଫ୍ ଟୁଟି। ସୋମବାର ବିଳମ୍ବିତ ରାତି ପ୍ରାୟ ସାଢେ ୧୨ଟା ବେଳେ ପ୍ଲାଣ୍ଟ ପରିସରରୁ ଚୋରି ଅଭିଯୁକ୍ତ ଦ୍ୱୟ ଚୋରି କରିଥିବା ନେଇ ପ୍ଲାଣ୍ଟ ସିକ୍ୟୁରିଟୀ ଅଫିସର ରମେଶ ଚନ୍ଦ୍ର ପ୍ରଧାନ ବଡବିଲ ଥାନାରେ ଲିଖିତ ଏତଲା ଦେଇଥିଲେ। ଏ ନେଇ ପୋଲିସ ବଡବିଲ ଥାନାରେ ଏକ ମାମଲା (ନଂ ୧୬୦/୨୦୧୯) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିବା ସହ ବୁଧବାର ଦିନ କୋର୍ଟ ଚାଲାଣ କରିଛି।

# ବର୍ଷା ହେଲେ ଗାଁ ରାସ୍ତାରେ ଜମୁଛି ପାଣି

**ବଉଳା, ୭।୮ (ଡି.ଏନ.ଏ.)**

ହାଟଡ଼ିହୀ ବ୍ଲକର ବାଲିବରେଇ ଗ୍ରାମରେ ବର୍ଷା ହେଲେ ଗାଁ ରାସ୍ତା ଉପରେ ଏକ ଫୁଟରୁ ଉର୍ଦ୍ଧ୍ୱ ପାଣି ଜମିଥାଏ । ଯାହାଫଳରେ ରାସ୍ତାରେ ଯିବା କଷ୍ଟକର ହୋଇପଡ଼ିଥିବା ବେଳେ କିଛି ପରିବାର ଲୋକ ରାସ୍ତା ମଝିରେ ବାଉଁଶ ସିଡ଼ି ପକାଇ ଯାତାୟତ କରୁଛନ୍ତି। ଗାଁ ରାସ୍ତାର ଦୁଇ ପାର୍ଶ୍ୱରେ ଘର। ୨ ଶହ ମିଟର ଭଳି ରାସ୍ତା ଖାଲ ରହିଛି । ପାଣି ନିଷ୍କାସନ ହୋଇପାରୁନଥିବାରୁ ବର୍ଷା ହେଲେ ପାଣି ଜମି ରହିଥାଏ। ଯାହାଫଳରେ ସେହି ରାସ୍ତା ଉପରେ ନିର୍ଭର କରୁଥିବା ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହେବା ସହ ପାଣି ଜମି ରହୁଥିବାରୁ ବିଭିନ୍ନ ରୋଗରେ ମଧ୍ୟ ଆକ୍ରାନ୍ତ ହେବାର ଆଶଙ୍କା ଦେଖାଦେଇଛି । ଅଧିକ ବର୍ଷା ହେଲେ କିଛି ପରିବାର ଲୋକଙ୍କର ଘର ଭିତରେ ମଧ୍ୟ ପାଣି ପଶିଯାଇଥାଏ । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଜିଲା ଫୁଟବଲ ଲିଗ୍-୨୦୧୯
# ବାଲେଶ୍ୱର କ୍ରୀଡ଼ା ଛାତ୍ରାବାସ ବିଜୟୀ

**ବାଲେଶ୍ୱର ଅଫିସ,୭।୮**

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ବୁଧବାର ଆୟୋଜିତ ଜିଲା ଫୁଟ୍‌ବଲ ଲିଗ୍-୨୦୧୯ ମ୍ୟାଚ୍‌ର ସୁପର ଲିଗ୍ ଖେଳ ଫକୀରମୋହନ କ୍ଲବ ଓ ବାଲେଶ୍ୱର କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଲେଶ୍ୱର କ୍ରୀଡ଼ା ଛାତ୍ରାବାସ ୧-୦ ଗୋଲରେ ବିଜୟୀ ହୋଇଛି।

ଖେଳର ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ଭାବରେ ସମାପ୍ତ ହୋଇଥିଲା । ଖେଳର ଦ୍ୱିତୀୟାର୍ଦ୍ଧରେ କ୍ରୀଡ଼ା ଛାତ୍ରାବାସର ଲକ୍ଷ୍ମଣ ମାରାଣ୍ଡି ଗୋଟିଏ ଗୋଲ ଦେଇଥିଲେ। ଫଳରେ କ୍ରୀଡା ଛାତ୍ରାବାସ ୧-୦ ଗୋଲରେ ଫକୀରମୋହନ କ୍ଲବକୁ ହରାଇ ବିଜୟୀ ହୋଇଥିଲେ। ସେକ୍ ଅବଦୁଲ ମଜିଦ, ପ୍ରଦୀପ କୁମାର ଦାସ, ଅଶୋକ କୁମାର ମାନ୍ନା ଖେଳ ପରିଚାଳନା କରିଥିଲେ। ଆସନ୍ତା ଗୁରୁବାରର ସୁପର ଲିଗ୍ ଖେଳ ଷ୍ଟାର କ୍ଲବ ଓ ଫକୀରମୋହନ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜିଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ଓ ସହସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ମିଳିତ ଭାବେ ସୂଚନା ଦେଇଛନ୍ତି।

# ଆକ୍ରମଣରେ ଆହତଙ୍କ ଏତଲା ରଖିଲାନାହିଁ ପୋଲିସ୍

**ଯୋଡ଼ା, ୭।୮(ଡି.ଏନ.ଏ.)**

ନ୍ୟାୟ ପାଇଁ ଥାନାକୁ ଯାଇ ନିରାଶ ହୋଇ ଫେରିଥିବା କିରିବୁରୁ ଅଞ୍ଚଳର ପ୍ରସନ୍ନ ପାତ୍ର ନାମକ ଜଣେ ବ୍ୟକ୍ତି ଶେଷରେ ଗଣମାଧ୍ୟମର ଦ୍ୱାରସ୍ଥ ହୋଇଛନ୍ତି। ସେ କହିଛନ୍ତି ଯେ, ତାଙ୍କ ପୁଅ ବାହାଘର ପାଇଁ ଏକ ପ୍ରସ୍ତାବ ସମ୍ପର୍କରେ ବୁଧବାର ଆଲୋଚନା କରିବାକୁ ଯାଇଥିବାବେଳେ କେନ୍ଦୁଝର ଜିଲା ଯୋଡା ସହରର ପାତ୍ର ବସ୍ତି ଠାରେ ୨ଜଣ ଯୁବକ ତାଙ୍କୁ ମାଡ଼ ମାରି ଲହୁଲୁହାଣ କରିଥିଲେ। ସେମାନଙ୍କ କବଳରୁ କନ୍ୟା ପରିବାର ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଅପରାହ୍ନରେ ସେ ଯୋଡା ଥାନାକୁ ଏତଲା ଦେବା ପାଇଁ ଯାଇଥିଲେ। ଉପସ୍ଥିତ ପୋଲିସ କର୍ମଚାରୀ ପ୍ରଥମେ ଚିକିତ୍ସିତ ନ ହୋଇ କାହିଁକି ଆସିଛ ପଚାରି ଧମକାଇଥିଲେ। ରିପୋର୍ଟ ଗ୍ରହଣ ନ କରି ପ୍ରାୟ ଘଣ୍ଟାଏ କାଳ ବସାଇ ରଖି ପରେ ଘରକୁ ପଳାଅ ବୋଲି କହିଥିଲେ। ପୋଲିସର ଏଭଳି ଆଭିମୁଖ୍ୟ ଦେଖି ପ୍ରସନ୍ନ ସେଠାରୁ ଚାଲିଆସି ଗଣମାଧ୍ୟମ ପ୍ରତିନିଧିଙ୍କୁ ଭେଟି ନିଜର ଅଭିଯୋଗ ଶୁଣାଇଥିଲେ। ସେଠାରେ ୨ ଯୁବକ ତାଙ୍କୁ କାହିଁକି ମାଡ଼ ମାରିଲେ ତାହା ସେ ଜାଣନ୍ତି ନାହିଁ ବୋଲି କହିଥିଲେ। ଏସମ୍ପର୍କରେ ଯୋଡା ଥାନା ଆଇଆଇସି ବିଜୟକୃଷ୍ଣ ମହାପାତ୍ରଙ୍କୁ ପଚାରିବାରୁ ସେ ଭିନ୍ନ କଥା ଦର୍ଶାଇଥିଲେ। ପ୍ରସନ୍ନଙ୍କୁ ଲିଖିତ ଅଭିଯୋଗ କରିବା ଲାଗି କୁହାଯିବାରୁ ସେ ଥାନା ଛାଡ଼ି ପଳାଇଥିବା ଆଇଆଇସି କହିଥିଲେ।

# 'ସ୍ୱଦେଶୀ ଆନ୍ଦୋଳନ ଉଜ୍ଜୀବିତ କରିବା ବେଳ ଆସିଛି'



ପଥ ବିକ୍ରେତା ସଂଘ ପକ୍ଷରୁ ସ୍ୱଦେଶୀ ଆନ୍ଦୋଳନ ଦିବସରେ ଉପସ୍ଥିତ ଅତିଥି ଓ ବକ୍ତା।

- ବିଦେଶୀ ଖୁଚୁରା ବେପାରୀଙ୍କ ପ୍ରଭାବ ବଢ଼ି ଚାଲିଛି
- ବିପଦରେ ନିମ୍ନ ମଧ୍ୟବିତ୍ତ ବ୍ୟବସାୟୀଙ୍କ ଜୀବିକା
- ସ୍ୱଦେଶୀ ସାମଗ୍ରୀର ପ୍ରଚାର, ପ୍ରସାର ପ୍ରତି ଗୁରୁତ୍ୱ

**ବାଲେଶ୍ୱର ଅଫିସ,୭।୮**

ବାଲେଶ୍ୱର କଚେରି ହତା ପରିସରରେ ନ୍ୟାଶନାଲ ହକର ଫେଡ଼େରେଶନ ଆହ୍ୱାନକ୍ରମେ ଓଡ଼ିଶା ପଥ ବିକ୍ରେତା ସଂଘ ପକ୍ଷରୁ ବୁଧବାର ସ୍ୱଦେଶୀ ଆନ୍ଦୋଳନ ଦିବସ ପାଳିତ ହୋଇଥିଲା। ସଂଘର ରାଜ୍ୟ ସମ୍ପାଦକ ଜୟନ୍ତ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମ୍ପ୍ରତି ବିଶ୍ୱର ବହୁ ପୁଞ୍ଜିପତି ଭାରତର ଖୁଚୁରା ବଜାରକୁ ପ୍ରବେଶ କରି କ୍ରମେ ପ୍ରଭାବ ବିସ୍ତାର କରି ଚାଲିଛନ୍ତି। ସେମାନେ ନିମ୍ନବର୍ଗର ସର୍ବବୃହତ୍ତମ ବଜାରକୁ ଅଚଳ କରିଦେବାକୁ ଉଦ୍ୟମ ଚଳାଇଛନ୍ତି। ପଥ ବିକ୍ରେତାଙ୍କ ଭଳି ନିମ୍ନ ମଧ୍ୟବିତ୍ତ ବର୍ଗର ବ୍ୟବସାୟୀ ଏଥିଲାଗି ଅଧିକ ପ୍ରଭାବିତ ହୋଇ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ବିଦେଶୀଙ୍କ କବଳରୁ ଦେଶକୁ ରକ୍ଷା କରିବା ପାଇଁ ୧୯୦୫ ଅଗଷ୍ଟ ୭ ତାରିଖରେ ଆରମ୍ଭ ହୋଇଥବା ସ୍ୱଦେଶୀ ଆନ୍ଦୋଳନକୁ ଏବେ ପୁଣି ଉଜ୍ଜୀବିତ କରିବାର ପ୍ରାସଙ୍ଗିକତା ବଢ଼ିଛି ବୋଲି ସ୍ୱଦେଶୀ ଆନ୍ଦୋଳନ ଦିବସ ପାଳନ ଉତ୍ସବରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ ସୋସାଲ ସାଇନ୍ସର ପ୍ରାଧ୍ୟାପକ ଗୋବିନ୍ଦ ଦଳେଇ, ପଥ ବିକ୍ରେତା ସଂଘର ଆବିଦ ଖାଁ, ମୋହିନୀ ମୋହନ ପରିଡ଼ା, ରାମଚନ୍ଦ୍ର ପରିଡ଼ା, ଟିପିରି ସିଂ, ମଧୁସୂଦନ ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, ସହଦେବ ମହାନ୍ତି, ବିଜୟ ଭୂଷଣ ନନ୍ଦି, ସେକ ଇସ୍‌ଲାମ, ମନୋଜ ରାଠୋର, ରାଜେଶ ପଣ୍ଡା, ଦେବଜ୍ୟୋତି ବାରିକ, ଜଗବନ୍ଧୁ ସିଂ, ନିତ୍ୟାନନ୍ଦ ସାହୁ ପ୍ରମୁଖ ସଭାରେ ଉଦ୍‌ବୋଧନ ଦେଇ ସ୍ୱଦେଶୀ ଆନ୍ଦୋଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱଦେଶୀ ଆନ୍ଦୋଳନକୁ ଜୋରଦାର କରିବା ଲାଗି ସଭାରେ ସଙ୍କଳ୍ପ ନିଆଯାଇଥିଲା। ବକ୍ତାମାନେ ଦର୍ଶାଇଥିଲେ ଯେ, ବିଦେଶୀ ଖୁଚୁରା ବେପାରୀ ହଟାଇ କୃଷି ଉତ୍ପାଦନ, ହସ୍ତ ଶିଳ୍ପ, କୁଟୀର ଶିଳ୍ପ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ଉତ୍ପାଦନ ବଢାଇ ଏହାକୁ ବିକ୍ରୟ ବ୍ୟବସ୍ଥା କରାଯିବା ଦରକାର। ତା' ନ ହେଲେ ପଥ ବିକ୍ରୟ ଓ ପଥ ବିକ୍ରେତାଙ୍କ ଭଳି ନିମ୍ନ ମଧ୍ୟବିତ୍ତ ବ୍ୟବସାୟୀଙ୍କ ଜୀବିକା ବିପନ୍ନ ହୋଇପଡିବ। ଏଣୁ ନିମ୍ନବର୍ଗ ବ୍ୟବସାୟୀଙ୍କ ସୁରକ୍ଷା ଲାଗି ପଦକ୍ଷେପ ନିଆଯିବା ଜରୁରି ହୋଇପଡିଛି । ସ୍ୱଦେଶୀ ଆନ୍ଦୋଳନର ପୃଷ୍ଠଭୂମି ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ବକ୍ତାମାନେ ତୁଳନାତ୍ମକ ଚିତ୍ର ବର୍ଣ୍ଣନା କରିଥିଲେ।



## ସଂକ୍ଷେପରେ

### ସାପ କାମୁଡ଼ାରେ ବୃଦ୍ଧା ମୃତ

ଆନନ୍ଦପୁର/ ହାଟଡିହୀ, ୭।୮(ସ୍ୱ.ପ୍ର./ ଡି.ଏନ୍.ଏ.)- ଆନନ୍ଦପୁର ଉପଖଣ୍ଡ ହାଟଡିହୀ ବ୍ଲକ ଓରାଳୀ ଗ୍ରାମରେ ଜଣେ ବୃଦ୍ଧାଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଓରାଳୀ ଗ୍ରାମର ପାଗିଳୀ ଜେନା। ସେ ବିଲକୁ ଘାସ କାଟିବା ପାଇଁ ଯାଇଥିବାବେଳେ ଏକ ବିଶାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ସେ ସେଠାରେ ଟଳି ପଡିଥିଲେ। ବିଲରେ ଥିବା ଅନ୍ୟ ଲୋକମାନେ ଦେଖି ତାଙ୍କୁ ଉଦ୍ଧାର କରିବା ସହିତ ପ୍ରଥମେ ତାଙ୍କୁ ଓରାଳି ପ୍ରାଥମିକ ଚିକିତ୍ସାଳୟ ଏବଂ ପରେ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଟ୍ରକ୍-ବାଇକ୍ ଧକ୍କା: ୩ ଗୁରୁତର

ଆନନ୍ଦପୁର,୭।୮(ସ୍ୱ.ପ୍ର.)- ୨୦ ନଂ ଜାତୀୟ ରାଜପଥ ଆନନ୍ଦପୁରର ଶାଳପଡା ଛକ ଠାରେ ଟ୍ରକ୍-ବାଇକ୍ ମୁହଁ ମୁହିଁ ଧକ୍କା ହେବା ଫଳରେ ବାଇକ୍ ଆରୋହୀଙ୍କ ସମେତ ୩ ଯୁବକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଯୁବକ ମାନେ ଭଦ୍ରକ ଜିଲା ଭଣ୍ଡାରୀପୋଖାରୀ ଥାନା ଅଧୀନ ରହଣିଆ ଗ୍ରାମର କାଳନ୍ଦୀ ମାଝୀ, ଆରତ ମାଝୀ ଓ ରଞ୍ଜନ ମାଝୀ। ସ୍ଥାନୀୟ ଲୋକେ ଗୁରୁତରମାନଙ୍କୁ ଉଦ୍ଧାରକରି ଆନନ୍ଦପୁର ଡାକ୍ତରଖାରେ ଭର୍ତ୍ତି କରିଥିଲେ। ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ଗମ୍ଭୀର ଥିବାରୁ ସମସ୍ତଙ୍କୁ କଟକ ସ୍ଥାନାନ୍ତର କରାଯାଇଛି । ସମ୍ପୃକ୍ତ ଯୁବକ ମାନେ ଘଟଗାଁ ତାରିଣୀଙ୍କ ଦର୍ଶନସାରି ଫେରୁଥିବା ସମୟରେ ଶାଳପଡା ଛକଠାରେ ସାମ୍ନାରୁ ଆସୁଥିବା ଏକ ଦଶଚକିଆ ଟ୍ରକ୍ ସହ ମୁହଁ ମୁହିଁ ଧକ୍କା ହୋଇଥିଲା। ବର୍ଷା ଯୋଗୁଁ ରାସ୍ତା ଠିକ୍ ଭାବେ ଦେଖାଯାଉ ନ ଥିବାରୁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଘସିପୁରା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ୨ ବାଇକ୍ ଜବତ




ଚମ୍ପୁଆ, ୭।୮(ଡି.ଏନ.ଏ.)- ଚମ୍ପୁଆ ପୋଲିସ ଦ୍ୱାରା ଚମ୍ପୁଆ ସହର ନିକଟ ବାରିକ ସାହିଠାରେ ଚୋରି ହୋଇଥିବା ଏକ ବାଇକକୁ ସ୍ଥାନୀୟ ଲୋକ ଉଦ୍ଧାର କରିବା ସହିତ ବାଇକ ଚୋରକୁ ଚମ୍ପୁଆ ପୋଲିସର ଜିମା ଦେଇଥିବା ଜଣାଯାଇଛି। ସୂଚନା ଅନୁସାରେ ଚମ୍ପୁଆ ଅଞ୍ଚଳର ସୁନିଲ ଦାସ ନିଜ ଗାଡି ହିରୋ ସ୍ପ୍ଲେଣ୍ଡର ନମ୍ବର ଓଆର ୦୯ ଏମ ୪୬୩୦କୁ ବାରିକ ସାହିଠାରେ ରଖି କୌଣସି କାମରେ ଯାଇଥିବା ବେଳେ ଚମ୍ପୁଆ ବ୍ଲକ ରାଣୀପୁର ଗ୍ରାମରେ ବାବୁଲି ଓରଫ ଜଜାତି ନାଏକ ଗାଡିଟିକୁ ଗଡାଇ ଗଡାଇ ନେଉଥିଲା ବେଳେ ସ୍ଥାନୀୟ ଲୋକ ତାକୁ ପଚାରିବାରୁ ସଠିକ ଉତ୍ତର ଦେଇପାରି ନ ଥିଲା। ଫଳରେ ସ୍ଥାନୀୟ ଲୋକ ତାଙ୍କୁ ଧରିବା ସହିତ ଗାଡି ଓ ଜଜାତିଙ୍କୁ ଚମ୍ପୁଆ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଏହାର ତଦନ୍ତ କରି ଜଜାତି ନିକଟରୁ ରଜିଆ ଓ ରାଣୀପୁର ଅଞ୍ଚଳରୁ ୨ ଗୋଟି ଗାଡି ଜବତ କରିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

### ଧର୍ମପରାୟଣାଙ୍କ ପରଲୋକ

ଆନନ୍ଦପୁର,୭।୮(ସ୍ୱ.ପ୍ର.)- ଆନନ୍ଦପୁର ବ୍ଲକ ଟୁକୁଣା ଗ୍ରାମର ଧର୍ମପରାୟଣ ମହିଳା କ୍ଷେତ୍ରମଣୀ ମିଶ୍ର(୯୨)ଙ୍କ ପରଲୋକ ହୋଇଯାଇଛି। ସେ ସ୍ୱର୍ଗତ ଦୁର୍ଯ୍ୟୋଧନ ମିଶ୍ରଙ୍କ ସହଧର୍ମିଣୀ ଥିଲେ। ସେ ଜଣେ ସମାଜସେବୀ, ପରୋପକାରୀ ମହିଳା ଭାବେ ବେଶ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ପୁଅ ଯଦୁମଣି ମିଶ୍ର ମୁଖାଗ୍ନି ଦେଇଥିଲେ। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ବୈତରଣୀ ନଦୀ ତଟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

■ ଟାଟା ସ୍ୱଞ୍ଜ କାରଖାନା କର୍ତ୍ତୃପକ୍ଷ ଦୁଃଖ ଶୁଣିଲେନି

# ଧାରଣାସ୍ଥଳରେ ସ୍ୱାମୀଙ୍କୁ ଶ୍ରାଦ୍ଧ ଦେଲେ ମହିଳା

ଯୋଡ଼ା, ୭।୮(ଡି.ଏନ.ଏ.)

■ କମ୍ପାନୀ ଅଧିକାରୀଙ୍କ ନାମରେ ପିଣ୍ଡ ଦାନ

■ ୮୩ ଦିନ ପରେ ବି ସ୍ଥାଣୁ କମ୍ପାନୀ ଅଧିକାରୀ

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦାସ୍ଥିତ ଟାଟାସ୍ୱଞ୍ଜ କାରଖାନା ଫାଟକ ସମ୍ମୁଖରେ ଗତ ୮୩ ଦିନ ଧରି ଧାରଣାରେ ବସିଛନ୍ତି ବିଳାସୀ କାରୁଆ। ପୁଅ ଦୀପକ କାରୁଆ ବି ମାଆଙ୍କ ସହିତ ଏହି ଧାରଣାରେ ସାମିଲ ହୋଇଛନ୍ତି । ହେଲେ ତାଙ୍କୁ ଏ ଯାଏ ନ୍ୟାୟ ମିଳିନି । କମ୍ପାନୀରେ କାର୍ଯ୍ୟରତ ସ୍ୱାମୀଙ୍କ ମୃତ୍ୟୁଜନିତ କ୍ଷତିପୂରଣ ଓ ପରିବାରର ସଦସ୍ୟଙ୍କୁ ନିଯୁକ୍ତି ଦାବି କରି ବିଳାସୀ ଏହି ଆନ୍ଦୋଳନ ଚଳାଇ ଆସିଛନ୍ତି। ଏହାପରେ ବି କମ୍ପାନୀ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇ ନାହାନ୍ତି। ଏହାକୁ ନେଇ ଦୁଃଖରେ ଭାଙ୍ଗିପଡିଛନ୍ତି ବିଳାସୀ । ମଙ୍ଗଳବାର ଥିଲା ସ୍ୱର୍ଗତ ସ୍ୱାମୀ ମହାନ୍ତି କାରୁଆଙ୍କ ୧୬ତମ ଶ୍ରାଦ୍ଧ ବାର୍ଷିକୀ । ଏଥିପାଇଁ ସେ ଧାରଣାସ୍ଥଳରେ ହିଁ ପୁଅ ଦୀପକଙ୍କ ସହିତ ସ୍ୱାମୀଙ୍କୁ ଶ୍ରାଦ୍ଧ ଅର୍ପଣ କରିବା ସହିତ କମ୍ପାନୀ କର୍ତ୍ତୃପକ୍ଷଙ୍କ ପାଇଁ ପିଣ୍ଡ ପକାଇ ନିଜର ଅଭିମାନକୁ ପ୍ରକାଶ କରିଛନ୍ତି ।

ବିଲେଇପଦାସ୍ଥିତ ଟାଟାସ୍ୱଞ୍ଜ ଲୌହ କାରଖାନାରେ ଯୋଡ଼ା ପୌରାଞ୍ଚଳ ଅନ୍ତର୍ଗତ ଗୋପ ମହାନ୍ତି ହଟିଂ ବାସିନ୍ଦା ମହାନ୍ତି କାରୁଆ ଜଣେ ବରିଷ୍ଠ ସଫେଇ କର୍ମଚାରୀ ଭାବେ କାମ କରୁଥିଲେ । ୨୦୦୪ ଅଗଷ୍ଟ ୬ରେ ସେ କମ୍ପାନୀକୁ ଆସି ଆଉ ଘରକୁ ଫେରି ନ ଥିଲେ । କମ୍ପାନୀରେ କୁଆଡ଼େ ତାଙ୍କର ସନ୍ଦେହଜନକ ମୃତ୍ୟୁ ହୋଇଥିଲା। କମ୍ପାନୀ କର୍ତ୍ତୃପକ୍ଷ ପରିବାରର ସଦସ୍ୟଙ୍କୁ ନ ଜଣାଇ ମୃତଦେହ ବ୍ୟବଚ୍ଛେଦ କରାଇ କାରଖାନାର କେତେଜଣ ଶ୍ରମିକଙ୍କ ସାହାଯ୍ୟରେ ମୃତଦେହ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ। ଏହାର କିଛିଦିନ ପରେ କମ୍ପାନୀ ପକ୍ଷରୁ ବିଳାସୀଙ୍କୁ କ୍ଷତିପୂରଣ ଦିଆଯିବାର ପ୍ରତିଶ୍ରୁତି ମିଳିଥିଲା । ମାତ୍ର କମ୍ପାନୀ କର୍ତ୍ତୃପକ୍ଷଙ୍କ ସେହି ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଥିଲା। ବିଳାସୀ ଓ ପୁଅ ଦୀପକ ବାରମ୍ବାର କାରଖାନା କର୍ତ୍ତୃପକ୍ଷଙ୍କୁ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା । ଶ୍ରମ ଆଇନ୍ ଅନୁଯାୟୀ କ୍ଷତିଗ୍ରସ୍ତ ପରିବାରକୁ ମୃତ୍ୟୁଜନିତ କ୍ଷତିପୂରଣ ପ୍ରଦାନ ଓ ଶ୍ରମିକ ସାମାଜିକ ସୁରକ୍ଷା ବ୍ୟବସ୍ଥା ଅନୁଯାୟୀ ପରିବାରର ଜଣେ ସଦସ୍ୟଙ୍କୁ କମ୍ପାନୀରେ ନିଯୁକ୍ତି ଦାବି କରି ବିଳାସୀ, ପୁଅ ଦୀପକ ଓ ତାଙ୍କ ପରିବାର ସଦସ୍ୟମାନେ ଗତ ମେ ୧୬ରୁ କାରଖାନା ଫାଟକ ସମ୍ମୁଖରେ ଧାରଣାରେ ବସିଥିଲେ । ମଙ୍ଗଳବାର ମହାନ୍ତି କାରୁଆଙ୍କ ୧୬ତମ ଶ୍ରାଦ୍ଧ ଦିବସ ଥିବାରୁ ଧାରଣା ସ୍ଥଳରେ ସ୍ୱାମୀଙ୍କ ନାମରେ ବିଳାସୀ ଓ ଦୀପକ ଶ୍ରାଦ୍ଧ ଦେବା ସହିତ କମ୍ପାନୀ ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ଅନ୍ୟ ଅଧିକାରୀଙ୍କ ନାମରେ ମଧ୍ୟ ପିଣ୍ଡ ପକାଇ ନିଜ ଦୀର୍ଘ ଦିନର ଅଭିମାନକୁ ଜାହିର କରିଛନ୍ତି । ଏହି ଘଟଣା ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି। କମ୍ପାନୀ କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଶୀତଳ ସ୍ୱାଇଁଙ୍କୁ ପଚାରିବାରୁ ମୃତ ମହାନ୍ତି କାରୁଆଙ୍କର କମ୍ପାନୀରେ ଥିବା ପ୍ରାପ୍ୟ ସୁଧ ସହିତ ଦେବାକୁ ପ୍ରସ୍ତୁତ ବୋଲି କମ୍ପାନୀ ତରଫରୁ ତାଙ୍କ ପତ୍ନୀଙ୍କୁ ଚିଠି ଦିଆଯାଉଥିଲେ ମଧ୍ୟ ସେ ଏକ ଚାକିରି ଦେବା ଲାଗି ଧାରଣା ଦେଉଛନ୍ତି। ତେବେ ଚାକିରି ଦେବା ବର୍ତ୍ତମାନ କମ୍ପାନୀ ପକ୍ଷେ ସମ୍ଭବପର ନୁହେଁ ପରବର୍ତ୍ତୀ ସମୟରେ କମ୍ପାନୀ ଏବିଷୟରେ ବିସ୍ତୃତ ଭାବେ ଆଲୋଚନା କରି ନିଷ୍ପତ୍ତି ନେବ ବୋଲି କମ୍ପାନୀ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ ଜଣାଇଛନ୍ତି।



ଟାଟା ସ୍ୱଞ୍ଜ କାରଖାନା ଫାଟକ ସମ୍ମୁଖରେ ଶ୍ରାଦ୍ଧ ଦେଉଥିବା ବିଳାସୀ ।

■ ନୂଆମାଳିଆ ଫୁଟବଲ ଟୁର୍ଣ୍ଣାମେଣ୍ଟ

# କୋଳଥପଦା ଚାମ୍ପିୟନ୍

ଆନନ୍ଦପୁର, ୭।୮(ସ୍ୱ.ପ୍ର.)

ଘସିପୁରା ବ୍ଲକ ନୂଆମାଳିଆ ଗ୍ରାମର ମା' ମଙ୍ଗଳା କ୍ଲବ ଆନୁକୂଲ୍ୟରେ ଆୟୋଜିତ ୮ମ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ୩୨ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କୋଳଥପଦା ଓ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୋଳଥପଦା ୨-୦ ଗୋଲରେ ଭୁବନେଶ୍ୱରକୁ ହରାଇ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷକ ତଥା ସମାଜସେବୀ ପ୍ରଭାତ କୁମାର ଧିର, ସମ୍ମାନିତ ଅତିଥି ଭାବେ ଶିଶିର କୁମାର ଜେନା, ଅନ୍ୟତମ ଅତିଥି ଭାବେ ବିଦ୍ୟାଧର ଜେନା ଯୋଗଦେଇ ଚାମ୍ପିୟନ୍ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ। ଆଣ୍ଡରେଶ କଣ୍ଡୁଲିନା, ବୁଦ୍ଧିରାମ ପେରେଇ, ବରୁଣ ବେହେରା ରେଫରୀ ଭାବେ ଖେଳ ପରିଚାଳନା କରିଥିଲେ। ଜନ କମେଟର, ଅଭିନାଶ ପରିଡା ଭାଷ୍ୟକାର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ମା' ମଙ୍ଗଳା କ୍ଲବର ସଭାପତି ଅଙ୍କୁର ମୁଣ୍ଡା, ସମ୍ପାଦକ ମିଥୁନ ଚାତାର, ନାଣ୍ଟୁ ଗୋଇପେଇ, ସାଗର ସିଙ୍କୁ, ସନାତନ ଚାତାର, ତରଣୀ କଳା, ପରୁ ସାମାଟ୍, ମଙ୍ଗଳ ସାମାଟ୍, ବାଇଧର କଳା, ନଟବର ଗୋଇପେଇ ଆଦି ସଦସ୍ୟମାନେ ମ୍ୟାଚ ପରିଚାଳନା କରିଥିଲେ। ଏହି ଅବସରରେ ଆଦିବାସୀ ପାରମ୍ପାରିକ ନୃତ୍ୟ ପରିବେଷଣ କରାଯାଇଥିଲା।

# ପାର୍କିଂସ୍ଥଳୀରେ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ ଅଭିଯୋଗ

ବଡବିଲ, ୭।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ନାଳଦା ରୋଡସ୍ଥିତ ଇଷ୍ଟଇଣ୍ଡିଆ ନିକଟରେ ନିୟୋଜିତ ସୁରକ୍ଷାକର୍ମୀଙ୍କୁ ଠେଙ୍ଗାରେ ଆକ୍ରମଣ ହୋଇଥିବା ନେଇ ଏକ ମାମଲା ରୁଜୁ ହୋଇଛି। ଆକ୍ରମଣର ଶୀକାର ହୋଇଥିବା ସୁରକ୍ଷାକର୍ମୀ ବିଜୟ କୁମାର ବୈଦ୍ୟ ବଡବିଲ ଥାନାରେ ଦେଇଥିବା ଏତଲା ଅନୁଯାୟୀ, ସୋମବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ବେଳେ ଭାରିଯାନ ପାର୍କିଂରେ ନିୟୋଜିତ ଥିଲାବେଳେ ଉଲିବୁରୁ ଗ୍ରାମର ଜଣେ ଯୁବକ ରାସ୍ତାରେ ହୋଇଥିବା ଜାମ୍ କାହିଁକି କରୁଛ ବୋଲି କହି ଏକ ଠେଙ୍ଗା ସାହାଯ୍ୟରେ ମାଡ ମାରିବା ସହ ଗାଳିଗୁଲଜ କରିଥିଲେ। ଏ ନେଇ ପୋଲିସ ବଡବିଲ ଥାନାରେ ଏକ ମାମଲା (ନଂ ୧୬୧/୨୦୧୯) ରୁଜୁ କରି ତଦନ୍ତ ଚଳାଇଛି।

■ ଅନ୍ଧାରରେ ୨୬ ଛାତ୍ରୀଛାତ୍ରଙ୍କ ଭାଗ୍ୟ

# ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

କେନ୍ଦୁଝର, ୭।୮ (ସ୍ୱ.ପ୍ର.)

ପରୀକ୍ଷା ଖାତା ହଜିବା ଘଟଣାକୁ ... ପରୀକ୍ଷା ଓ୍ୱିଥହେଲ୍ଡ ହୋଇଥିବା ଘଟଗାଁ ସ୍ଥିତ ମା ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ୨୬ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଖାତା ହଜିବା ଘଟଣାକୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଉଭୟ ମହାବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ଦାୟିତ୍ୱହୀନତା ପାଇଁ ଏହି ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଥିବା ଆଲୋଚନା ହେଉଛି। ଦୀର୍ଘ ୮ ମାସ ହେଲା ପରୀକ୍ଷା ଖାତା ହଜିବା ଘଟଣାକୁ ନେଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ କିମ୍ବା ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ତତ୍ପରତା କାହିଁକି ଦେଖାଇଲେ ନାହିଁ ବୋଲି ମତ ପ୍ରକାଶ ପାଉଛି। ଏହି ଘଟଣାକୁ ନେଇ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି। ଘଟଣାକୁ ରଫାଦଫା କରି ଚପାଇଦେବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହୋଇଛି।

ପରୀକ୍ଷା ଖାତା ଡାକ ଜରୀଆରେ ଉଦଳା କଲେଜ କୁ ପଠାଇଯାଇଥିବା ମା ତାରିଣୀ ଠାକୁରାଣି ମହାବିଦ୍ୟାଳୟର ଅଧକ୍ଷ କହିଛନ୍ତି। କିନ୍ତୁ ଉଦଳା କଲେଜ ଖାତା ପାଇଲେ କି ନାହିଁ ତାହାର ତଦାରଖ କରାଗଲା ନାହିଁ । ଏପରିକି ସମସ୍ତ ପିଲାଙ୍କ ପରୀକ୍ଷା ଫଳ ପ୍ରକାଶ ପାଇ ନ ଥିଲା ଏବଂ ଫଳ ଓ୍ୱିଥହେଲ୍ଡ ହୋଇଥିଲେ ହେଁ ଏହାକୁ ଗୁରୁତର ସହ ନ ନେଇ ବିଶ୍ୱବିଦ୍ୟାଳୟକୁ ଜଣାଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଦାୟିତ୍ୱ ଶେଷ କରିଦେବା ଘଟଣା ପିଲା ତଥା ସେମାନଙ୍କ ଅଭିଭାବକ ମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ପରୀକ୍ଷା ଖାତା ଭଳି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଡାକରେ ପଠାଯାଇଥିଲେ ହେଁ ପୂର୍ବରୁ ଖାତା ଗନ୍ତବ୍ୟ ସ୍ଥଳରେ ପହଞ୍ଚିଛି କି ନାହିଁ ତାହା ତଦନ୍ତ କରାଯାଇପାରିଥାନ୍ତା। ସେହିପରି ଏନେଇ ଡାକ ବିଭାଗକୁ ଦୋଷାରୋପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିଥାନ୍ତା। ତୁରନ୍ତ ପିଲାଙ୍କ ଭବିଷ୍ୟତ ସହିତ ଖେଳ ନ ଖେଳି ପରୀକ୍ଷା ଫଳ ବାହାର କରିବା ପାଇଁ ପଦକ୍ଷେପ ନେବା ଉଚିତ । ସେହିପରି ଏନେଇ ଯିଏ ଭି ଦୋଷୀ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ବୋଲି ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିମ୍ବାଧର ବେହେରା କହିଛନ୍ତି। ତେବେ ଠାକୁରାଣୀ ମହାବିଦ୍ୟାଳୟର ଅଧକ୍ଷ ରବିରତ୍ନ ଜେନା କହିଛନ୍ତି ଯେ, ଜଣେ ଅଧ୍ୟାପକ ବିଶ୍ୱବିଦ୍ୟାଳୟ ଯାଇ ଫଳାଫଳ କିପରି ପ୍ରକାଶ ପାଇବ ସେ ନେଇ ପ୍ରଚେଷ୍ଟା କରାଯାଉଛି ।

# ବିଦ୍ୟୁତ ସଂସ୍ପର୍ଶରେ ମହିଳା ମୃତ

ଯୋଡା/ଝୁମ୍ପୁରା, ୭।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ବ୍ରାହ୍ମଣିଡିହି ଗ୍ରାମରେ ବିଦ୍ୟୁତ କରେଣ୍ଟ ଲାଗି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ପୋଲିସର ସୂଚନାନୁଯାୟୀ, ଉକ୍ତ ଗ୍ରାମରେ ରହୁଥିବା କୁଶ ମୁଣ୍ଡାଙ୍କ ପତ୍ନୀ କୁନି ମୁଣ୍ଡା(୨୦) ଘରେ କାର୍ଯ୍ୟ କରୁଥିବା ବେଳେ ବୁଧବାର ସକାଳ ୧୦ଟାରେ କୌଣସି କାରଣରୁ ବିଦ୍ୟୁତ କରେଣ୍ଟ ଲାଗିଥିଲା। ତାଙ୍କୁ ଆହତ ଅବସ୍ଥାରେ ଝୁମ୍ପୁରାସ୍ଥିତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନ ପ୍ରାୟ ୩ ଘଟିକା ସମୟରେ ଚିକିତ୍ସାଧୀନ ଅବସ୍ଥାରେ କୁନି ମୁଣ୍ଡାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଏନେଇ ବାମେବାରୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୨୦୧୯)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଥିବା ବାମେବାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି।

# ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ସତ୍ୟବ୍ରତଙ୍କ ପଦଯାତ୍ରା

ବଉଳା, ୭।୮(ଡି.ଏନ.ଏ.)

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ଜଗତସିଂପୁର ଜିଲା ବାଲିକୁଦା ବ୍ଲକ ଭଗବାନ ସିଣ୍ଡଲ ଗାଁର ସତ୍ୟବ୍ରତ ଦାସ ଓଡ଼ିଶାର ସମସ୍ତ ବ୍ଲକକୁ ପଦଯାତ୍ରା କରୁଥିବାବେଳେ ଗତ ସୋମବାର ହାଟଡ଼ିହୀ ବ୍ଲକ କାର୍ଯ୍ୟାଳୟରେ ସେ ପହଞ୍ଚିଛନ୍ତି। ସେ ଜୁଲାଇ ୧୦ ତାରିଖରୁ ଏହି ଦାବି ନେଇ ପଦଯାତ୍ରା ଆରମ୍ଭ କରିଛନ୍ତି । ପ୍ରଥମେ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ ଜିଲା ପଦଯାତ୍ରା ସାରି ହାଟଡିହି ବ୍ଲକରେ ପହଞ୍ଚିଛନ୍ତି। ୩୧୪ ଦିନରେ ୩୧୪ଟି ବ୍ଲକ ପଦଯାତ୍ରା କରି ଶେଷ କରିବାକୁ ଧାର୍ଯ୍ୟ କରିଛନ୍ତି ।

# ଚମ୍ପୁଆ ବଜାରରେ ଜବରଦଖଲ ଉଚ୍ଛେଦ କଲା ଏନ୍‌ଏସି



ଚମ୍ପୁଆ ବଜାରରେ ଜବରଦଖଲ ଉଚ୍ଛେଦବେଳେ ଲୋକଙ୍କ ଗହଳି।

ଚମ୍ପୁଆ, ୭।୮(ଡି.ଏନ.ଏ.)

ଚମ୍ପୁଆ ସଦର ମହକୁମାରେ ବଢୁଥିବା ଜବରଦଖଲକୁ ଏନ୍‌ଏସି ପକ୍ଷରୁ ଉଚ୍ଛେଦ କରାଯାଇଛି। ଏନ୍‌ଏସି ନିର୍ବାହୀ ଅଧିକାରୀ ସପନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପୋଲିସ ସହାୟତାରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଛି। ବଢୁଥିବା ଟ୍ରାଫିକ ସମସ୍ୟା ଓ ମୁଖ୍ୟରାସ୍ତା ଅବରୋଧ ହଟାଇବା ଲକ୍ଷ୍ୟରେ ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଛି। ସୂଚନା ଅନୁସାରେ ଚମ୍ପୁଆ ବଜାରରେ ଦୈନିକ ହଜାର ହଜାର ଲୁହାପଥର ବୋଝେଇ ଟ୍ରକ ସହ ବସ ଆଦି ଯାନ ବାହାନ ଯାତାୟାତ କରୁଛନ୍ତି। ଉପଖଣ୍ଡ ସଦରମହକୁମା ହୋଇଥିବାରୁ ତଥା ଚମ୍ପୁଆ ଏକ ଉପାନ୍ତ ଅଞ୍ଚଳ ହୋଇଥିବାରୁ ପଡୋଶୀ ଝାଡଖଣ୍ଡ ଅଞ୍ଚଳର ଲୋକମାନେ ବ୍ୟାଙ୍କ ସେବା, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ପାଇଁ ନିର୍ଭର କରିଆସୁଛନ୍ତି। ଅନେକ ସମୟରେ ଜନସାଧାରଣ ଏହି ବଜାର ମଧ୍ୟରେ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ରାସ୍ତା ଅବରୋଧ ହଟାଇବା ପାଇଁ ଏନ୍‌ଏସି ପକ୍ଷରୁ ଦୋକାନି ମାନଙ୍କୁ ୧ମାସହେବ ନୋଟିସ ଜାରି କରାଯିବା ସହ ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା କରାଯାଇଥିଲା। ବୁଧବାର ସକାଳ ୯ଟାରେ ଏହି ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯାଇଥିଲେ ମଧ୍ୟ ଉତ୍ତେଜନା ଦେଖାଦେବାରୁ କାର୍ଯ୍ୟକୁ ଅଧାରୁ ବନ୍ଦ କରାଯାଇ ଜବରଦଖଲକାରୀଙ୍କୁ ତୁରନ୍ତ ଅପରାହ୍ନ ୪ଟା ସୁଦ୍ଧା ଜବର ଦଖଲ ହଟାଇବା ପାଇଁ ନିର୍ବାହୀ ଅଧିକାରୀ ସମୟ ଦେଇଥିଲେ।

# ବାହାରେ ବୁଲୁଛନ୍ତି ଖଣି ମହାଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ

କେନ୍ଦୁଝର, ୭।୮ (ସ୍ୱ.ପ୍ର.)

ବହୁ ଚର୍ଚ୍ଚିତ ଉଲିବୁରୁ ଖଣି ମହାଦୁର୍ନୀତିର ମୁଖ୍ୟ ଅଭିଯୁକ୍ତ ଦୀପକ ଗୁପ୍ତାଙ୍କ ପରିବାର ଏବେ ମଧ୍ୟ ସୁରକ୍ଷିତ ଭାବେ ବାହାରେ ବୁଲୁଥିଲେ ହେଁ ପୋଲିସ ଧରିବାରେ ସଫଳ ହେଉନାହିଁ । ଫଳରେ ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି । ସେମାନେ ଦୀପକଙ୍କ ଜାମିନ ପରେ ଆତ୍ମସମର୍ପଣ କରି ଜାମିନରେ ଯିବାକୁ ଉଦ୍ୟମ ଚଳାଇଥିବା କୁହାଯାଉଛି । ତେବେ ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ପୋଲିସ ଧରିବାରେ ସଫଳ ହୋଇ ପାରୁ ନ ଥିବାରୁ ପୋଲିସ ବିଭାଗର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ୧୮୦୦ କୋଟି ଟଙ୍କାର ଉଲିବୁରୁ ଖଣି ମହାଦୁର୍ନୀତିରେ ଭିଜିଲାନ୍ସ ୨୯ ଜଣଙ୍କ ନାମରେ ଚାର୍ଜସିଟ ଦାଖଲ କରିଥିଲା। ଏହି ଘଟଣାରେ ଦୀପକ ୨୦୧୩ ମସିହା ସେପ୍ଟେମ୍ବର ୪ ତାରିଖରେ ରାଜ୍ୟ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଏହି ଖଣି ମହାଦୁର୍ନୀତିରେ ଜଡିତ ଦୀପକଙ୍କ ପରିବାର ଧରା ନ ପଡିବା ସମସ୍ତଙ୍କୁ ଚକିତ କରିଛି। ଏଣୁ ସେମାନଙ୍କୁ କିଏ ସୁରକ୍ଷା ଦେଉଛି ତାହାକୁ ନେଇ ଚର୍ଚ୍ଚା ଜୋର ଧରୁଛି । ନୀରବ ମୋଦୀ, ବିଜୟ ମାଲ୍ୟା ଭଳି ଅଭିଯୁକ୍ତ ମାନଙ୍କୁ ପୋଲିସ ବିଦେଶରେ ଠାବ କରିପାରୁଥିବା ବେଳେ ଦୀପକଙ୍କ ପରିବାର ଲୋକଙ୍କୁ ଠାବ କରିବାରେ ପୋଲିସ ବିଫଳ ହୋଇଛି।

# ଜନ୍ମଦିନ ଅର୍ଥକୁ ଦାନକଲେ ଛାତ୍ରୀ ଅର୍ପିତା



ଛାତ୍ରୀ ଅର୍ପିତା ଦାସଙ୍କ ବୃକ୍ଷରୋପଣ ।

ଚମ୍ପୁଆ, ୭।୮(ଡି.ଏନ.ଏ.)

ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଅର୍ପିତା ଦାସ ତାଙ୍କ ଜନ୍ମଦିନ ଅର୍ଥକୁ ବିଦ୍ୟାଳୟ ଉନ୍ନୟନ ପାଣ୍ଠିକୁ ପ୍ରଦାନ କରିବା ସହିତ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରି ଜନ୍ମଦିନ ପାଳିଛନ୍ତି। ଖବର ଅନୁସାରେ ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଷଷ୍ଠ ଶ୍ରେଣୀର ଛାତ୍ରୀ ଅର୍ପିତା ଦାସ ଚଳିତ ବର୍ଷ ଅଗଷ୍ଟ ୭ ତାରିଖରେ ନିଜ ଜନ୍ମଦିନକୁ ନିରାଡମ୍ବରଭାବେ ପାଳନ କରିବା ସହିତ ଜନ୍ମଦିନ ପାଳନ ଅର୍ଥକୁ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କୁ ପ୍ରଦାନ କରିଥିଲେ। ଏହି ଅର୍ଥ ବିଦ୍ୟାଳୟ ଉନ୍ନତିରେ ଲଗାଇବାକୁ ଅନୁରୋଧ କରିଥିଲେ। ଏତଦବ୍ୟତୀତ ସୁଶ୍ରୀ ଦାସ ବିଦ୍ୟାଳୟର ଗୁରୁଜୀ, ଗୁରୁମା ଓ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ପରିସର ମଧ୍ୟରେ ଫଳନ୍ତିଗଛ ରୋପଣ କରିଥିଲେ। ସୁଶ୍ରୀ ଦାସଙ୍କ ଏତାଦୃଶ କାର୍ଯ୍ୟକୁ ସମସ୍ତ ଗୁରୁଜୀ ଗୁରୁମା ସାଧୁବାଦ ଜଣାଇଥିଲେ।

# ଉପଖଣ୍ଡସ୍ତରୀୟ ପ୍ରତିଯୋଗିତା

ଆନନ୍ଦପୁର, ୭।୮(ସ୍ୱ.ପ୍ର.)

୭୩ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଉପଖଣ୍ଡସ୍ତରୀୟ ପ୍ରତିଯୋଗିତା ମଡେଲ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର, ଘସିପୁରା ଓ ହାଟଡିହୀ ପ୍ରଭୃତି ବ୍ଲକର କୃତୀ ପ୍ରତିଯୋଗୀଙ୍କୁ ନେଇ କନିଷ୍ଠ, ଉପ-କନିଷ୍ଠ ବର୍ଗର ବକ୍ତୃତା, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଶରତ କୁମାର ରାଉତ, ଏବିଇଓ ଚତୁର୍ଭୁଜ ପହି ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା।

# ପାଓ୍ୱାର ଟିଲର ନ ପାଇ ସୁଧ ଦେଉଛନ୍ତି ଗଜେନ୍ଦ୍ର

କେନ୍ଦୁଝର, ୭।୮ (ସ୍ୱ.ପ୍ର.)




## ନ୍ୟାୟ ନ ମିଳିବାରୁ କରିବେ ଅନଶନ

ଦୀର୍ଘ ୧୦ ମାସ ହେଲା ଋଣ ଅନୁମୋଦିତ ହୋଇଛି । ଏଥିପାଇଁ ସୁଧ ଆଦାୟ ଦେଉଛନ୍ତି କିନ୍ତୁ ପାଓ୍ୱାର ଟିଲର ମିଳୁନଥିବାରୁ କେନ୍ଦୁଝର ଜିଲା ପାଟଣା ବ୍ଲକ ବଳିଆପଶି ଗ୍ରାମର ଜଣେ ଯୁବ ଆଦିବାସୀ ଚାଷୀ ଚାଷ କାମ କରିପାରୁନାହାନ୍ତି। ତାଙ୍କ ନାମ ଗଜେନ୍ଦ୍ର ନାଏକ । ସେ ଏକ ପାଓ୍ୱାର ଟିଲର ପାଇଁ ଚେମଣା ଗ୍ରାମ ସ୍ଥିତ ରାଜନଗର ଲ୍ୟାମ୍ପରେ ଆବେଦନ କରିଥିଲେ । ତାଙ୍କ ନାମରେ ଲୋନ ଆକାଉଣ୍ଟ ୧୪୬୩/୩୩୧, ୨୯ ଅକ୍ଟୋବର ୨୦୧୮ ତାରିଖରେ ଖୋଲାଯାଇ ୭୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ଏଥିପାଇଁ ଗଜେନ୍ଦ୍ର ଅଗ୍ରୀମ ଧାର କରି ୧୫ ହଜାର ଟଙ୍କା ଯୋଗାଡ କରି ଜମା ଦେଇଥିଲେ। ପାଓ୍ୱାର ଟିଲର ମିଳିଲେ ଚାଷ କରିବେ ବୋଲି ଆଶା କରିଥିଲେ। ତେବେ ଉକ୍ତ ଡିଲର ଟିଲର ନ ଦେଇ ଲ୍ୟାମ୍ପରୁ ଋଣ ଟଙ୍କା ନେଇ ପଳାଇଯାଇଥିବାରୁ ଗଜେନ୍ଦ୍ର ଚିନ୍ତାରେ ରହିଛନ୍ତି। ଏନେଇ ଲ୍ୟାମ୍ପ ଓ ଡିଲରକୁ ଧାଇଁ ଧାଇଁ ନୟାନ୍ତ ହେବା ପରେ ସେ ଫେବୃୟାରୀ ମାସରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଗୁହାରୀ କରିଥିଲେ। ଜିଲାପାଳଙ୍କ ପ୍ରକୋଷ୍ଠରୁ ସଦର ଥାନାକୁ ପଦକ୍ଷେପ ନେବାକୁ ଆଦେଶ ହୋଇଥିବା ଜଣାପଡିଛି।

ସରକାର ଚାଷୀ ମାନଙ୍କ ବିକାଶ ପାଇଁ ବହୁ ଯୋଜନା ପ୍ରସ୍ତୁତ କରି ସହାୟତା କରୁଥିବା ଦାବି କରୁଥିବା ବେଳେ ତଳ ସ୍ତରରେ କିପରି ଚାଷୀ ମାନେ ପ୍ରତାରିତ ହେଉଛନ୍ତି ତାହା ଏହି ଘଟଣାରୁ ସ୍ପଷ୍ଟ ଜଣାପଡୁଛି। ଏସମ୍ପର୍କରେ ଚେମଣା ଲ୍ୟାମ୍ପ ଏମଡି ଜିତେନ୍ଦ୍ର ସିଂ କହିଛନ୍ତି ଯେ ଉକ୍ତ ବ୍ୟକ୍ତି ଯେଉଁ ସୋ ରୁମରୁ ଟିଲର ନେବେ ତାହାର କୋଟେସନ ଆଣିବା ପରେ ଆମେ ଋଣ ବ୍ୟବସ୍ଥା କରିଥାଉ । ତାପରେ ଡେଲିଭରୀ ଅର୍ଡର ଚାଷୀଙ୍କୁ ଦେଇଥାଉ । ଉକ୍ତ ଅର୍ଡର ନେଇ ଚାଷୀ ପାଓ୍ୱାର ଟିଲର ଆଣିଥାନ୍ତି। ଡେଲିଭରୀ ହେବା ପରେ ସୋ ରୁମକୁ ଋଣ ଟଙ୍କା ପୈଠ କରିଥାଉ। ଏଥିରେ ତାଙ୍କର କୌଣସି ଭୁଲ ନାହିଁ । ତେବେ ଟିଲର ନ ପାଇ ଡେଲିଭରୀ ଅର୍ଡର ଦେବା କଥା ନୁହେଁ। ବିଶେଷ ସୂତ୍ରରୁ ଜଣାପଡିଛି ଯେ ଗଜେନ୍ଦ୍ରଙ୍କ ସରଳତାର ସୁଯୋଗ ନେଇ ଉକ୍ତ ଡିଲର ଡେଲିଭରି ଅର୍ଡର ସହିତ ଦସ୍ତଖତ ନେବା ପରେ ଲ୍ୟାମ୍ପରେ କାଗଜପତ୍ର ଦେଇ ଟଙ୍କା ନେଇଯାଇ ଫେରାର ହୋଇଯାଇଛନ୍ତି। ଏଭଳି ଜିଲାର ବହୁ ଚାଷୀଙ୍କ ଠାରୁ ଏଭଳି ଟିଲର ନ ଦେଇ ଟଙ୍କା ନେଇ ଫେରାର ହୋଇଯାଇଥିବା ଆଲୋଚନା ହେଉଛି। ଏଣୁ ଏନେଇ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଚାଷୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦାବି ହୋଇଛି। ନଚେତ୍ ଚାଷୀ ମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ମତ ପ୍ରକାଶ ପାଉଛି ।